# ମାନବିକତା ପରିବାର ପକ୍ଷରୁ ରକ୍ତଦାନ ଶିବିର



ରାଉରକେଲା, ୭ା୧(ସମିସ): ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅଧୀନ ଲାଠିକଟା ବ୍ଲକର ସଦର ପଞ୍ଚାୟତଠାରେ ପ୍ରଥମ କରି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି ।

ମାନବିକତା ପରିବାର ଅଧ୍ୟକ୍ଷ ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଏହାକୁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଶାନ୍ତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନବବର୍ଷରେ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ସୁଖ ସମୃଦ୍ଧି କାମନା କରିବା ସହ ଜୀବନଧାରା ରକ୍ତଦାନ ଶିବିରର ଆବଶ୍ୟକତା ଏବଂ ସ୍ଥାନୀୟ ଯୁବକମାନଙ୍କ ସକ୍ରିୟତା ନେଇ ଆଲୋଚନା କରିଥିଲେ । ଆଦିବାସୀ ବହୁଳ ଲାଠିକଟା ପଞ୍ଚାୟତରେ ମାନବିକତା ପରିବାର ପ୍ରଥମକରି ରକ୍ତଦାନ ଶିବିର ଆୟୋଜନ କରିବା ବିଶେଷ ଉଲ୍ଲେଖନୀୟ ପଦକ୍ଷେପ । ମାନବିକତା ପରିବାରର ସଂକଳ୍ପ ମାସକୁ ୧୦୦ ୟୁନିଟ ରକ୍ତ ସଂଗ୍ରହ କରିବା ଏବଂ ରକ୍ତାଭାବ ସଙ୍କଟ ଦୂରେଇ ଦେବା । ଏହି ବିଶ୍ୱାସକୁ ସାକାର କରିବାକୁ ସମଗ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଏଭଳି ରକ୍ତଦାନ ଶିବିରମାନ ଆୟୋଜନ କରାଯାଉଛି ବୋଲି ପ୍ରଶାନ୍ତ କହିଥିଲେ । ଏହି ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହ ହୋଇଥିବାବେଳେ ଏହାକୁ ଯୁବ ନେତା ବିଶ୍ୱଜିତ ସ୍ୱାଇଁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତୁଷାର ଦାସ, ସୌମ୍ୟରଞ୍ଜନ ପଣ୍ଡା, ସଞ୍ଜୀବ ବେହେରା, ପ୍ରିୟବ୍ରତ ଭଦ୍ର, ରୁବି ଟପ୍ପୋ, ତନ୍ମୟ ସେଠୀ ଓ ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଶ୍ରା, ୭ା୧(ସମିସ): ବିଶ୍ରା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶାରୀରିକ ଶିକ୍ଷକ ବିଦ୍ୟାଧର ସେଠୀ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟା ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ବେଣୁଧର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଏସ୍‌ଆର ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ ବରାଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ରାଉତ ରାୟ, ପୂର୍ବତନ ପ୍ରଧାନଶିକ୍ଷକ ରୋହିତାସ ମାହାତ, ଧନଞ୍ଜୟ ପଣ୍ଡା, ବିଶ୍ୱନାଥ ସମାସୀ, ଅଧ୍ୟାପକ ମନୋଜ ସାମଲ, ଶ୍ରୀନିବାସ ଭୂୟାଁ, ବଟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଧର ସେଠୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

**ରାଉରକେଲା ମହାବିଦ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତିରେ ଦୁର୍ନୀତି ଗନ୍ଧ!**

# ୨ କନିଷ୍ଠ କିରାଣି ପରିବର୍ତ୍ତେ ୬ ଜଣଙ୍କୁ ନିଯୁକ୍ତି

ରାଉରକେଲା, ୭ା୧(ସମିସ):

ରାଉରକେଲା ସହର ସେକ୍ଟର - ୪ସ୍ଥିତ ରାଉରକେଲା କଲେଜରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତିରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇ ଦୁର୍ନୀତି ହୋଇଥିବା ନେଇ ଏକ ଆର୍‌ଟିଆଇ ତଥ୍ୟରୁ ସୂଚନା ମିଳିଛି । ୨ ଜଣ କନିଷ୍ଠ କିରାଣି ପରିବର୍ତ୍ତେ ୬ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବିନା ଇଣ୍ଟରଭ୍ୟୁରେ ନିଯୁକ୍ତି ଦିଆଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ସୂଚନା ମୁତାବକ ଏହି ରାଉରକେଲା ମହାବିଦ୍ୟାଳୟରେ ସମ୍ପ୍ରତି ଅବସରଗ୍ରହଣ ପରେ ଖାଲିଥିବା ପଦଗୁଡ଼ିକରେ କେବଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଗ୍ରେଡ୍ ଅନୁସାରେ ନିଯୁକ୍ତି ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୨୪୮୫୭, ତା ୧୮.୦୭.୨୨ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଛି । ତାହାପୁଣି ମଞ୍ଜୁରୀପ୍ରାପ୍ତ ପଦର ସର୍ବାଧିକ ୫୦ ପ୍ରତିଶତ ପଦକୁ ନିୟମାନୁସାରେ ଇଣ୍ଟରଭ୍ୟୁ କରାଯାଇ କର୍ମଚାରୀଙ୍କୁ ନିଯୁକ୍ତି କରାଯିବାର ନିର୍ଦ୍ଦେଶ ରହିଛି । ତେବେ ଉଚ୍ଚଶିକ୍ଷା ବିଭାଗର ଏହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ଏହି ଆରଟିଆଇ ତଥ୍ୟରୁ ସ୍ପଷ୍ଟ ହୋଇଛି ।

ସୂଚନା ଅନୁସାରେ, ରାଉରକେଲା କଲେଜରେ ମୋଟ ୪ଟି ମଞ୍ଜୁରିପ୍ରାପ୍ତ କନିଷ୍ଠ କିରାଣି ପଦ ଖାଲିଥିଲା । ଏହି ପଦରେ ପୁନଃନିଯୁକ୍ତି (ରି-ଏନ୍‌ଗେଜମେଣ୍ଟ) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ଗତ ୨୦୨୨ ମସିହା ଜୁଲାଇ୨୭ ତାରିଖରେ ମହାବିଦ୍ୟାଳୟ ପରିସରରେ ଇଣ୍ଟରଭ୍ୟୁ ହୋଇଥିଲା । ଚାକିରି ସମୟରେ ଭଲ ଚରିତ୍ର ରହିଥିବା କେବଳ ସରକାରୀ ମହାବିଦ୍ୟାଳୟରୁ ଅବସରପ୍ରାପ୍ତ କନିଷ୍ଠ କିରାଣିମାନେ ଏହି ପଦ ପାଇଁ ଆବେଦନ କରି ପାରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ପ୍ରକାଶ ପାଇଥିଲା । ମହାବିଦ୍ୟାଳୟର ଡିଗ୍ରୀ କଲେଜରେ ୨ଟି ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ଟି ମୋଟ ୪ଟି ମଞ୍ଜୁରୀପ୍ରାପ୍ତ କନିଷ୍ଠ କିରାଣି ପଦ ରହିଥିବାରୁ ଉଚ୍ଚଶିକ୍ଷା ବିଭାଗର ଉପରୋକ୍ତ ନିୟମାନୁସାରେ ମଞ୍ଜୁରୀ ପ୍ରାପ୍ତପଦର ୫୦ ପ୍ରତିଶତ ଅର୍ଥାତ୍ ୨ ଜଣ କନିଷ୍ଠ କିରାଣିଙ୍କୁ ନିଯୁକ୍ତି କରାଯିବା କଥା । ମାତ୍ର ଏହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇ ଏହି ଇଣ୍ଟରଭ୍ୟୁରେ ୫ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେମାନେ ହେଲେ ରାଉରକେଲା କଲେଜର ଅବସରପ୍ରାପ୍ତ କନିଷ୍ଠ କିରାଣି ବିଜୟ କୁମାର ଭୋଳ, ସୁଶୀଳାବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନରେନ୍ଦ୍ର କୁମାର ବେହାରା, ରାଉରକେଲା ମ୍ୟୁନିସପାଲ କଲେଜର ଅରୁଣ କୁମାର ସାହୁ, ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଚ୍ଚିଦାନନ୍ଦ ନାୟକ, ପାରାଦୀପ କଲେଜର ଧନଞ୍ଜୟ ପତିଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏତଦ୍‌ବ୍ୟତୀତ ଆଉ ଜଣଙ୍କୁ ବିନା ଇଣ୍ଟରଭ୍ୟୁରେ ମଧ୍ୟ ନିଯୁକ୍ତି ଦିଆଯାଇଥିଲା । ସେମାନଙ୍କୁ ଅର୍ଥ ବିଭାଗର ଓଆରଏସ୍‌ପି ଅଧିନିୟମ -୨୦୧୭ ଅନୁଯାୟୀ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏଁ ଦରମା ଦିଆଯାଉଛି । ତେବେ ସେମାନଙ୍କ ମଧ୍ୟରୁ ବିନା ଇଣ୍ଟରଭ୍ୟୁରେ ରହିଥିବା କନିଷ୍ଠ କିରାଣଙ୍କ ସମେତ ସଚ୍ଚିଦାନନ୍ଦ ନାୟକ ୬ ମାସ ଚାକିରି କରିବା ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି । ତେବେ ନିୟମ ଅନୁଯାୟୀ ମଞ୍ଜୁରିପ୍ରାପ୍ତ ପଦ ୪ ଟି କନିଷ୍ଠ ପଦବୀର ୫୦ ପ୍ରତିଶତ ଅର୍ଥାତ ୨ଟି ପଦ ପାଇଁ ଉଚ୍ଚଶିକ୍ଷା ବିଭାଗ ଦରମା ପ୍ରଦାନ କରିବା ପରିବର୍ତ୍ତେ ଅଧିକ ୨ ଜଣଙ୍କ ଦରମା ମଧ୍ୟ ଉଚ୍ଚଶିକ୍ଷା ବିଭାଗ ଦେଇ ଚାଲିଛି, ଯାହାକି ବେଆଇନ ବୋଲି କୁହାଯାଉଛି ।

ଅପରପକ୍ଷେ ଉପରୋକ୍ତ ନିୟମ ଅନୁଯାୟୀ କେବଳ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ କନିଷ୍ଠ କିରାଣିଙ୍କୁ ଏଥିରେ ନିଯୁକ୍ତି ଦିଆଯିବା କଥା । ମାତ୍ର ଏଠାରେ ବେଆଇନ ଭାବେ ୨ ଜଣଙ୍କୁ ବେସରକାରୀ କଲେଜର ଅବସରପ୍ରାପ୍ତ କନିଷ୍ଠ କିରାଣିଙ୍କୁ ନିଯୁକ୍ତି ଦିଆଯାଇଥିବା ଏହି ଆର୍‌ଟିଆଇ ତଥ୍ୟରୁ ସ୍ପଷ୍ଟ ହେଉଛି । ଅବସରପ୍ରାପ୍ତ କନିଷ୍ଠ କିରାଣିମାନଙ୍କୁ ପୁନଃ ନିଯୁକ୍ତି ନେଇ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଥିବା ବେଳେ କିପରି ଏତେ ବଡ଼ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଗଲା ଏବଂ ଏଥିରେ କାହାର ସ୍ୱାର୍ଥ ସାଧନ ହୋଇଛି ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ଉଲ୍ଲେଖଯୋଗ୍ୟ ଯେ ନିଯୁକ୍ତି ପାଇଥିବା ସୁଶୀଳାବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅବସରପ୍ରାପ୍ତ କିରାଣି ନରେନ୍ଦ୍ର ବେହେରା ରାଉରକେଲା କଲେଜରେ କାର୍ଯ୍ୟରତ ଥିବାବେଳେ ଆର୍ଥିକ ଅନିୟମିତତା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ବାର୍ଷିକ ଇନ୍‌କ୍ରିମେଣ୍ଟ ବନ୍ଦ କରାଯାଇଥିଲା । ତେଣୁ ଏପରି ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବା ଉଚ୍ଚଶିକ୍ଷା ବିଭାଗର ଉପରୋକ୍ତ ନିୟମକୁ ମଧ୍ୟ ଖୋଲାଖୋଲି ଉଲ୍ଲଂଘନ କରୁଛି ।

**● ଏକଲ ଅଭିଯାନ ଖେଳକୁଦ କାର୍ଯ୍ୟକ୍ରମ**

# ଜାତୀୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ପାଇଁ ୩୬ ମନୋନୀତ

ରାଉରକେଲା, ୭ା୧(ସମିସ): ଏକଲ ଅଭିଯାନ, ଓଡ଼ିଶା ଦ୍ୱାରା ସ୍ଥାନୀୟ ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମଠାରେ ଅନୁଷ୍ଠିତ ଏକଲ ଖେଳ କୁଦ ପ୍ରତିଯୋଗିତାରେ ବିଭିନ୍ନ ଇଭେଣ୍ଟରେ କୃତକାର୍ଯ୍ୟ ହୋଇଥିବା ୩୬ ଜଣ ପ୍ରତିଯୋଗୀ ଜାତୀୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଏହି ଅନୁଯାୟୀ ଦୌଡ଼ ପ୍ରତିଯୋଗିତାରେ ୬, ଲମ୍ବ ଡିଆଁ ପ୍ରତିଯୋଗିତାରେ ୨, ଉଚ୍ଚ ଡିଆଁ ପ୍ରତିଯୋଗିତାରେ ୨, କୁସ୍ତି ଯୁଦ୍ଧ ପ୍ରତିଯୋଗିତାରେ ୪, ଯୋଗାସନ ପ୍ରତିଯୋଗିତାରେ ୨, କବାଡି ପ୍ରତିଯୋଗିତାରେ ୨୦ ଜଣ ଏହି ମୋଟ ୩୬ ଜଣ ପ୍ରତିଯୋଗୀ ଆସନ୍ତା ୧୯ ତାରିଖରେ ନାଗପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରର ଖେଳକୁଦ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଥିବା ସୂଚନା ମିଳିଛି ।




ଏହି ଜାତୀୟସ୍ତରର ଖେଳକୁଦ ପ୍ରତିଯୋଗିତା ନାଗପୁର ଠାରେ ଚଳିତ ମାସ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଉରକେଲା ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏକଲ ଖେଳ କୁଦ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଶ୍ଚିମପ୍ରାନ୍ତ ସଂଘ ଚାଳକ ଡ. ସନାତନ ପ୍ରଧାନ, ବିଧାୟକ ବୀରମିତ୍ରପୁର ଶଙ୍କର ଓରାମ, ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ନିର୍ଦ୍ଦେଶକ ମୃଦୁଲା ଠାକୁର, ଓଡ଼ିଶା ସମ୍ଭାଗ ସଭାପତି ଅଶୋକ ମୁଦୁଲି, ସୁନ୍ଦରଗଡ଼ ଅଞ୍ଚଳ ସଭାପତି ଦମୁ ତିର୍କି, ସମ୍ପାଦକ ସୁନ୍ଦରଗଡ଼ ବାବାଜୀ ସାହୁ, କୋଷାଧ୍ୟକ୍ଷ ରବି ଦେହୁରୀ, ସମ୍ପାଦକ ଓଡ଼ିଶା ରାଠୁ ମହାନ୍ତ, ରାଜୀବ ପାତ୍ର, ଅଶୋକ ଗାନ୍ଧୀ, ଅନନ୍ଦ ଜୈନ, ସୁଭାଷ ସିଂହ, ନିହାର ରାୟ, ଜଗବନ୍ଧୁ ବେହେରା, ସନ୍ତୋଷ ତିର୍କି, ବିପିନ ବିହାରୀ ସାହୁ ଯୋଗ ଦେଇଥିବାବେଳେ ପ୍ରଚାର ପ୍ରସାର ଦାୟିତ୍ୱରେ ବସନ୍ତ କୁମାର ସାମଲ, ବାବୁଲି ମୁର୍ମୁ, ବିଷ୍ଣୁ ଷଣ୍ଢ, ପ୍ରଚାର ପ୍ରସାର ପ୍ରମୁଖ ବାବୁଲି ମୁର୍ମୁ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ ।

# ମହାବୀର ଫେରୋ କାରଖାନାରେ ଅଘଟଣ, ଅପରେଟର ଗୁରୁତର

ରାଉରକେଲା, ୭ା୧(ସମିସ): ବ୍ରାହ୍ମଣୀ ତରଙ୍ଗ ଥାନା ଆଇଡିସିଠାରେ ଥିବା ମହାବୀର ଫେରୋ ଏଲୋଇଜ ପ୍ରାଇଭେଟ୍ ଲିମିଟେଡ କାରଖାନାରେ ଅଘଟଣ ଘଟିଛି । ଫଳରେ ଜଣେ ଅପରେଟର ଗୁରୁତର ହୋଇଥିବା ଜଣାପଡ଼ିଛି । ଶନିବାର ଭୋର ସମୟରେ ଏହି ଘଟଣା ଘଟିଥିଲା । ଉକ୍ତ କାରଖାନାର ଏସ୍‌ଏମ୍‌ଏସ୍ ବିଭାଗର ମୋଲଡେଲ ଅପରେଟର ଭାବେ ସଞ୍ଜୟ ଯାଦବ କାମ କରନ୍ତି । ସେ କାର୍ଯ୍ୟରେ ଥିବା ସମୟରେ ହଠାତ୍ ୱେଲଡିଂ ଗୁଣ୍ଡ ଡାହାଣ ଗୋଡର ଜୋତା ଭିତରେ ଆସି ପଡ଼ିଥିଲା । ଫଳରେ ତାଙ୍କର ଗୋଡ଼ ଆଙ୍ଗୁଳି ଓ ଗୋଡ଼ର କିଛି ଅଂଶ ଜଳି ଯାଇଥିଲା । ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନିଆଯାଇଥିଲା । ବର୍ତ୍ତମାନ୍ ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଆଉ ଦୁଇଦିନ ପରେ ସମ୍ପୂର୍ଣ୍ଣ ସୁସ୍ଥ ହେବେ ବୋଲି ସୂଚନା ମିଳିଛି ।

# ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ ପାଳିତ

ରାଉରକେଲା, ୭ା୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଭାରତ ସ୍ୱାଭିମାନ ନ୍ୟାସ ଓ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ସେକ୍ଟର-୮ସ୍ଥିତ କମ୍ୟୁନିଟି ସେଣ୍ଟର ପ୍ରାଙ୍ଗଣରେ ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ ବିଏସ୍‌ଟି ଜିଲ୍ଲା ପ୍ରଭାରୀ ନରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ଯୋଗ ସହିତ ଯଜ୍ଞ, ଆୟୁର୍ବେଦ, ସ୍ୱଦେଶୀ ବ୍ୟବହାର, ରାଷ୍ଟ୍ର ନିର୍ମାଣ, ରାଷ୍ଟ୍ର ପାଇଁ ସମର୍ପିତ ହେବାକୁ ପରାମର୍ଶ ଦେଇଥିଲେ । ବିନା ଖର୍ଚ୍ଚରେ ଯୋଗ ଜୀବନକୁ ସୁସ୍ଥ ଓ ନିରୋଗ କରି ଜୀବନକୁ ସରଳ କରିଥାଏ । ସ୍ୱାମୀଜୀ ରାମଦେବ ମହାରାଜ ସମଗ୍ର ବିଶ୍ୱରେ ଯୋଗକୁ ବ୍ୟାପକତା କରିଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ପ୍ରଭାରୀ ନିତମ୍ବିନି ସ୍ୱାଇଁ, ଜିଲ୍ଲା ପତଞ୍ଜଳି ଯୋଗ ସମିତି ପ୍ରଭାରୀ ପ୍ରଦୀପ ସାହୁ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଯୋଗର ବ୍ୟାପକତା ଓ ପ୍ରଚାର ପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପଦାଧିକାରୀ ଓ ବରିଷ୍ଠ ଯୋଗ ଶିକ୍ଷକ ମାନସ ରଞ୍ଜନ ସାହୁ, ସନ୍ଧ୍ୟାରାଣୀ ସାହୁ, ବିଷ୍ଣୁପ୍ରିୟା ଦାଶ, ମନୋରମା ରାଉତ, ସାବିତ୍ରୀ ସେନାପତି, ଅନୁସୂୟା ବାରିକ, ଗୀତାଞ୍ଜଳି ବେହେରା, ତପସ୍ୱିନୀ ସାହୁ, ରେଣୁ ତନ୍ତୀ, ବୈଜୟନ୍ତୀ ବେହେରା, ଶୁଭଦ୍ରା ସାହୁ, ଆଶାଲତା ସାହୁ, ସଂଯୁକ୍ତା ସ୍ୱାଇଁ, ପୁଷ୍ପାଞ୍ଜଳି ନାୟକ, ସଂଯୁକ୍ତା ନାୟକ, ଗାୟତ୍ରୀ ମହାନ୍ତି, ଅରୁନ୍ଧତୀ ପାଣିଗ୍ରାହୀ, ସୁରେଶ ପ୍ରସାଦ, ଲୀପିନା ବିଶ୍ୱାଳ, ସସ୍ମିତା ପାଢ଼ୀ, ସଂଧ୍ୟାରାଣୀ ସରନ, ଅନିତା ବାରିକ, ସବିତା ସେଠୀ, ଜୟନ୍ତୀ ସାହୁ, ଦିସ୍ମିକା ବେହେରା, ଅମିୟ ଲତା ସାହୁ, ସତ୍ୟଭାମା ନାୟକ, ଜ୍ୟୋତ୍ସ୍ନା ଦାସ, କବିତା ପରିଡ଼ା, ଆଶା ସାହୁ, ସସ୍ମିତା ନାୟକ, ଜସ୍ ବୀର କାଉର, ସବିତା ପ୍ରଧାନ, ସଲମି ଟିଗ୍ଗା, ସୁଶୀଳା କେରକେଟା, କନକ ସ୍ୱାଇଁ, ଶୁଭଦ୍ରା ସାହୁ, ଚାରି ରତନା, ମିନ ସେଠ, ପୁଷ୍ପାଞ୍ଜଳି ଦାସ, ପମ୍ପା ମହନ୍ତ, ମାଧୁରୀ ସିଂ, ସହଲୁ ସିଂ, ନିରୂପମା ପଣ୍ଡା, ପ୍ରଚାସିନୀ ବିଶ୍ୱାଳ, ମଞ୍ଜୁଲତା ପଟେଲ, ସୌଦାମିନୀ ସାହୁ, ସତ୍ୟଜିତ ବାରିକ, ମର୍ଣାତି ସେନାପତି, ଦେବଜାନୀ ସାହୁ, ମେନକା ରାୟଙ୍କ ସମେତ ବହୁ ଉପସ୍ଥିତ ଥିଲେ ।



# ବିଦ୍ୟୁତ୍ କାର୍ଯ୍ୟାଳୟରୁ ଚୋରି, ୨ ଗିରଫ

ରାଉରକେଲା, ୭ା୧(ସମିସ): ଉଦିତନଗର ଥାନା ପୁଲିସ ବିଦ୍ୟୁତ୍ କାର୍ଯ୍ୟାଳୟରୁ ଚୋରି କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ପୁଣି ପୁଲିସ ବିଦ୍ୟୁତ ତାର ଚୋରି କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ, ମଧୁସୂଦନପାଲି ବସ୍ତିର ନାରାୟଣ ସାହୁ ଓରଫ ଗୋରା (୨୩) ଓ ମାଲଗୋଦାମ ବସ୍ତିର ସାଗର ମହାନ୍ତ (୨୨) । ସେମାନଙ୍କ ଠାରୁ ବିଦ୍ୟୁତ୍ ତାର ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି । ପୁଲିସ ସୂଚନା ମୁତାବକ, ବାସନ୍ତୀ କଲୋନୀ ଠାରେ ଥିବା ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟରୁ ଗତ ୩୦ ଡିସେମ୍ବର ବିଦ୍ୟୁତ୍ ତାର ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଏନେଇ କର୍ମଚାରୀ ପ୍ରଭାତ କୁମାର ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ରବିବାର ଦୁଇ ଜଣଙ୍କୁ ଗିରଫ କରିଥିଲା ।





ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖ ରାତିରେ ଟିପିଡବ୍ଲ୍ୟୁଓସିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟରୁ ଚୋରି କରିବା ଅଭିଯୋଗରେ ଶନିବାର ଉଦିତନଗର ଥାନା ପୁଲିସ ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳର ବିକାଶ ପାତ୍ର (୨୨), ଛେଣ୍ଡ ଥାନା ଅନ୍ତର୍ଗତ ଛେଣ୍ଡ ଅଞ୍ଚଳର ସୂର୍ଯ୍ୟକାନ୍ତ ରାଉତରାୟ (୧୯) ଓ ରଘୁନାଥପାଲି ଥାନା ଅନ୍ତର୍ଗତ ଲେବର ଟେନାମେଣ୍ଟ ଅଞ୍ଚଳର ଅଙ୍କିତ ନାଏକ(୨୦) ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସହ ସେମାନଙ୍କ ଠାରୁ ଚୋରି ହୋଇଥିବା ପିକ୍‌ଅପ୍ ଭ୍ୟାନ ଓ ବିଦ୍ୟୁତ୍ ତାର ଜବତ କରିଥିଲା । ଏନେଇ ବିଭାଗର କର୍ମଚାରୀ ସୁନିଲ କୁମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ଇନ୍ଦିରାଗାନ୍ଧୀ ଓ ଇସ୍ପାତ ନେହରୁ ପାର୍କରେ ଲକ୍ଷାଧିକ ଲୋକ



ରାଉରକେଲା, ୭ା୧(ସମିସ)

ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇନ୍ଦିରା ଗାନ୍ଧୀ ପାର୍କ ଓ ଇସ୍ପାତ ନେହରୁ ପାର୍କରେ ବର୍ଷ ୨୦୨୩ର ଶେଷ ରବିବାର ଦିନ ଓ ନୂଆବର୍ଷ ୨୦୨୪ର ପ୍ରଥମ ଦିନ ଲାକ୍ଷାଧିକ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଥିଲା । ଉଭୟ ପାର୍କରେ ରାଉରକେଲାବାସୀଙ୍କ ବନ୍ଧୁ ଓ ପ୍ରିୟଜନମାନଙ୍କ ସହିତ ବହୁ ସଂଖ୍ୟାରେ ଲୋକ ଭିଡ଼ ଜମାଇ ଥିଲେ । ପାର୍କଗୁଡ଼ିକର ବିସ୍ତିର୍ଣ୍ଣ ପ୍ରାନ୍ତର, ଇସ୍ପାତ ନଗରବାସୀଙ୍କ ପାଇଁ ଉଜ୍ଜ୍ୱଳ ସୂର୍ଯ୍ୟକିରଣର ଉଷ୍ମତା ମଧ୍ୟରେ ଥଣ୍ଡାକୁ ପ୍ରଶମିତ କରିବା ପାଇଁ ସର୍ବୋତ୍ତମ ସ୍ଥାନ ଥିଲା । ଦୁର୍ଗାପୁର ପାହାଡ଼ର ପାଦଦେଶରେ ସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କଦୁଇ ଦିନରେ ୧୫୦୦୦ ରୁ ଅଧିକ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା, ଯେଉଁଥିରେ ପ୍ରାୟ ୩ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଉପାର୍ଜିତ ହୋଇଥିଲା । ଆଇଜି ପାର୍କରେ ଟୟଟ୍ରେନ୍ ଏବଂ ବୋଟିଂର ଉପଭୋଗ କରୁଥିବା ଅନେକ ଦର୍ଶକଙ୍କୁ ଦେଖିବାକୁ ମିଳିଥିବାବେଳେ ପ୍ରାଣୀଉଦ୍ୟାନ ପିଲାମାନଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ଥିଲା, ଯେଉଁଥିରେ ପ୍ରାୟ ୨୫୦ ପ୍ରକାର ପଶୁ, ପକ୍ଷୀ ଏବଂ ୧୭ଟି ବିଭିନ୍ନ ପ୍ରଜାତିର ପ୍ରାଣୀ ରହିଛନ୍ତି । ସେହିଭଳି, ପ୍ରାୟ ୫୦୦୦ସଂଖ୍ୟକ ପରିଦର୍ଶକ ଏହି ସମୟ ମଧ୍ୟରେ ସେକ୍ଟର -୧୯ ସ୍ଥିତ ଇସ୍ପାତ ନେହରୁ ପାର୍କ ସହିତ ବୋଟିଂସ୍ଥଳରେ ପ୍ରବଳ ଭିଡ଼ ଜମାଇଥିଲେ । ଯେଉଁଥିରେ ପ୍ରାୟ ୪୫, ୦୦୦ ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଥିଲା । ସେହିଭଳି ସେକ୍ଟର - ୮ସ୍ଥିତ ଜୁବୁଲି ପାର୍କ ଏବଂ ସେକ୍ଟର - ୧୮ ରେ ଥିବା ଗାନ୍ଧୀ ଉଦ୍ୟାନପାର୍କରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା । ଯେଉଁଠାରେ ସେଲଫି ପଏଣ୍ଟଗୁଡ଼ିକ ଆକର୍ଷଣର କେନ୍ଦ୍ରସ୍ଥଳ ଥିଲା । ଆର୍‌ଏସ୍‌ପିର ଉଦ୍ୟାନ ବିଭାଗ ଦ୍ୱାରା ପରିଦର୍ଶନକାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ ପାର୍କରେ ଉତ୍ତମ ବ୍ୟବସ୍ଥା କରାଯାଇ ଥିଲା ।



ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ସିଡ଼ିଏମ୍‌ଓ
ଆବିର୍ଭାବ: ୧୫-୦୮-୧୯୪୪, ତିରୋଧାନ: ୨୮-୧୨-୨୦୨୩

ବାବା, ବୋଉ ଯିବା ପରେ ତୁମେ ଆମର ସବୁ କିଛି ଥିଲ । ତୁମେ ଥିଲ ମାର୍ଗଦର୍ଶକ । ଶତସିଂହର ବଳ ଓ ପରାକ୍ରମରେ ଆମକୁ ଉଦ୍‌ବୁଦ୍ଧ କରି ଆସୁଥିଲ । କେବଳ ପରିବାରବର୍ଗ ନୁହନ୍ତି, ତୁମ ସହକର୍ମୀ ଡାକ୍ତର, ତୁମ ବରିଷ୍ଠ, ଅନୁଜ ଡାକ୍ତରମାନେ ମଧ୍ୟ ତୁମ ଅକାଳ ବିୟୋଗରେ ଖୁବ୍ ମର୍ମାହତ । ପରଲୋକରୁ ସେହି ଅପାଶୋରା ମୁରୁକୁହିଆ ହସ ଓ ସଜଳ ନୟନରେ ଆମପ୍ରତି ସର୍ବଦା ଦୃଷ୍ଟି ରଖିଥାଅ ।

-: ଶୋକସନ୍ତପ୍ତ :-
ପୁଅ ଶ୍ରୀନିବାସ(ଗୋପୀ) ବୋହୂ- ପଦ୍ମା, ଝିଅ-ଜ୍ୱାଇଁ: ପଦ୍ମଲତା- ହୃଦାନନ୍ଦ, ଶକୁନ୍ତଳା-ବସନ୍ତ ଏବଂ ସମସ୍ତ ନାତିନାତୁଣୀ -ମୟଙ୍କ, ଅବିନାଶ, ପୂଜା, ରୋଜା, ଚିକୁ ଓ ସାନ୍‌ଭି ତଥା ପରିବାରବର୍ଗ

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ଜଣେ ଅଟକ

**ରାଉରକେଲା, ୭।୧(ସମିସ):** ବନ୍ଧମୁଣ୍ଡା ଥାନା ଅଧୀନ ସେକ୍ଟର ସି ୧୦ ନମ୍ବର୍ ବସ୍ତିର ବିଟୁ ତନ୍ତୀ (୩୨)ଙ୍କୁ ଭୁଜାଲିରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ଜଣକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ଏହି ଘଟଣାରେ ଜଡ଼ିତ ଥିବା ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣା ପୂର୍ବ ଶତ୍ରୁତାକୁ ନେଇ ଘଟିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଧରା ପଡ଼ିବା ପରେ ଘଟଣାର ସ୍ପଷ୍ଟ ସୂଚନା ଜଣାପଡ଼ିବ ବୋଲି ପୁଲିସ କହିଛି। ଗତ ୫ ତାରିଖ ରାତି ପ୍ରାୟ ୧୦ଟାବେଳେ ବିଟୁ ସ୍ଥାନୀୟ ଷ୍ଟେସନ ରୋଡ୍‌ସ୍ଥିତ ସେକ୍ଟର ସି - ଠାରେ ଥିବା ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ହଠାତ୍ କିଛି ଯୁବକ ଆସି ବିଟୁଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ କରି ଭୁଜାଲିରେ ସଂଘବଦ୍ଧ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆରଏସ୍‌ପି ସିଏସ୍‌ଆର ସିଜିଏମ୍ ପିକେ ସାହୁଙ୍କ ବଦଳି

**ରାଉରକେଲା,୭।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ସିଏସଆର୍ ବିଭାଗ ସିଜିଏମ୍ ପ୍ରଦୀପ କୁମାର ସାହୁଙ୍କ କଲିକତା ସ୍ଥିତ ସିଏମଓ ହେଡକ୍ୱାର୍ଟରକୁ ମହାପ୍ରବନ୍ଧକ ଭାବେ ବଦଳି ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ସେ ନିକଟରେ ରାଉରକେଲା ଇସ୍ପାତ କାରଖାନାର ଡିଆଇସିଙ୍କ କାର୍ଯ୍ୟାଳୟରୁ ସିଏସ୍‌ଆରକୁ ବଦଳି ହୋଇଥିଲେ।

## ପିକ୍‌ନିକ୍‌ରେ ଗଣ୍ଡଗୋଳ; ପୁଲିସକୁ ମାଡ଼

**ରାଉରକେଲା,୭।୧(ସମିସ):** ନୂତନ ବର୍ଷ ପାଳନ ଅବସରରେ କିଛି ଗୋଷ୍ଠୀ ପିକନିକ୍ କରିବାକୁ ଯାଇଥିଲାବେଳେ ସେଠାରେ ମାର୍‌ପିଟ୍ ହୋଇ ପରସ୍ପର ମଧ୍ୟରେ ପ୍ରବଳ ଝଗଡ଼ା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲା ଶାନ୍ତ କରିବାକୁ ଚେଷ୍ଟା କରିଥିଲା; ହେଲେ ଓଲଟା ପୁଲିସ ଗଣ୍ଡଗୋଳକାରୀଙ୍କ ମାଡ଼ର ଶିକାର ହୋଇଥିଲା। ଏଭଳି ଘଟଣା ରବିବାର ଅପରାହ୍ନ ସମୟରେ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ମନ୍ଦିରା ଡ୍ୟାମଠାରେ ଘଟିଥିବା ସୂଚନା ମିଳିଛି। ସୂଚନା ମୁତାବକ, ରଘୁନାଥପାଲି ଥାନା ଅଧୀନ ଲେବର ଟେନାମେଣ୍ଟ, ଏସ୍‌ଟିଆଇ, ଆଇଟିଆଇ ଗଙ୍ଗାଧରପାଲି ଅଞ୍ଚଳର ଯୁବକମାନେ ଉକ୍ତ ପିକ୍‌ନିକ୍ ସ୍ପଟକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସତ୍ତ୍ୱେ କେହି କିଛି ବୁଝି ନ ଥିଲେ। ଓଲଟା ପୁଲିସ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ ପୁଲିସ କିଛି ଜଣକୁ କାବୁ କରିବାରେ ସକ୍ଷମ ହୋଇଥିବାବେଳେ କିଛି ଯୁବକ ଫେରାର ହୋଇ ଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଖବର ଲେଖା ହେବା ଯାଏଁ ଅଧିକ ସୂଚନା ମିଳିପାରି ନ ଥିଲା।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ; ଜଣେ ଗିରଫ

**ରାଉରକେଲା,୭।୧(ସମିସ):** ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ଜଣେ କୁଖ୍ୟାତ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଲେବର ଟେନାମେଣ୍ଟ ସ୍ଥିତ ବ୍ୟାସନଗର ଅଞ୍ଚଳର ଶ୍ରୀକାନ୍ତ ବାରିକ(୩୦)। ପୁଲିସ ସୂଚନା ମୁତାବକ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଦିବ୍ୟାଙ୍ଗ ଯୁବତୀ ଶନିବାର ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଶ୍ରୀକାନ୍ତ ଅପରାହ୍ନ ସମୟରେ ତାଙ୍କୁ ଫୁସୁଲାଇ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ କାହାରିକୁ ନକହିବାକୁ ଧମକ ମଧ୍ୟ ଦେଇଥିଲା। ରାତିରେ ଘଟଣା ବିଷୟରେ ପୀଡ଼ିତା ପରିବାର ନିକଟରେ କହିବା ପରେ ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଗିରଫ ଶ୍ରୀକାନ୍ତ ନାମରେ ସହରର ବିଭିନ୍ନ ଥାନାରେ ଅନେକ ଚୋରି ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ସାପ୍ତାହିକ ହାଟରୁ ୨ଟି ମୋବାଇଲ ଲୁଟ୍

**ରାଉରକେଲା,୭।୧(ସମିସ):** ସ୍ଥାନୀୟ ଛେଣ୍ଡ ଥାନା ଅଧୀନ ଛେଣ୍ଡ ସାପ୍ତାହିକ ହାଟରୁ ଆଜି ଜଣଙ୍କ ମୋବାଇଲ ଫୋନ୍ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ବାସନ୍ତୀ କଲୋନୀ ଫେଜ୍ - ୧ ଏଲ୍-୧୩ କ୍ୱାର୍ଟରରେ ରହୁଥିବା ମୀନକେତନ ବିଶ୍ୱାଳ ଆଜି ଉକ୍ତ ସାପ୍ତାହିକ ହାଟକୁ ପରିବା କିଣିବା ପାଇଁ ଯାଇଥିବା ବେଳେ ତାଙ୍କ ପକେଟରେ ଥିବା ମୋବାଇଲ ଫୋନରୁ କେହି ଜଣେ ଲୁଟ କରି ଚମ୍ପଟ ମାରିଥିଲା। ସେହିପରି ଏହାର ୧୫ ମିନିଟ ପୂର୍ବରୁ ମଧ୍ୟ ଅନ୍ୟ ଜଣଙ୍କର ମୋବାଇଲ ଫୋନ ଲୁଟ୍ ହୋଇଥିବା ସୂଚନା ମିଳିଛି। ଉଭୟ ଘଟଣାରେ ପୁଲିସ ତଦନ୍ତ କରୁଥିବା ଜଣାପଡିଛି।

## ବ୍ରିଜ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୭।୧(ସମିସ):** ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍‌ରୁ ଜଣେ ଯୁବକଙ୍କ ମୃତଦେହ ରଘୁନାଥପାଲୀ ଥାନା ପୁଲିସ ଉଦ୍ଧାର କରିଛି। ମୃତକ ହେଉଛନ୍ତି ଫର୍ଟିଲାଇଜର ଅଞ୍ଚଳର ମଙ୍ଗଲ ହାଂସଦା (୩୮)। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପୁଲିସ ସୂଚନା ମୁତାବକ, ରବିବାର ସକାଳେ ଉକ୍ତ ବ୍ରିଜଠାରେ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପରେ ମୃତକଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ମଙ୍ଗଲଙ୍କ ବାପା ଏକ ଘରୋଇ ହସ୍ପିଟାଲରେ ଗତ କିଛି ଦିନ ହେବ ଚିକିତ୍ସାଧୀନ ଅଛନ୍ତି। ତେବେ ମଙ୍ଗଲ ଉକ୍ତ ହସ୍ପିଟାଲରେ ବାପାଙ୍କ ନିକଟରେ ରହି ଆସୁଥିଲେ। ମାତ୍ର ଗତ ୪ ଦିନରୁ ମଙ୍ଗଲ ହଠାତ୍ ନିଖୋଜ ହୋଇଯାଇ ଥିଲେ ବୋଲି ପରିବାର ଲୋକେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁରକାରଣ ସ୍ପଷ୍ଟ ଜଣାପଡ଼ିବ ବୋଲି ପୁଲିସ କହିଛି।

● ଓଡ଼ିଶା ଲେଖିକା ସଂସଦ ରାଉରକେଲା ଶାଖାର ବାର୍ଷିକ ଉତ୍ସବ

# 'ନାରୀର ସାମାଜିକ ଦାୟିତ୍ୱବୋଧ ଓ ସାହିତ୍ୟ' ଶୀର୍ଷକ ଆଲୋଚନା

**ରାଉରକେଲା, ୭।୧(ସମିସ)**




ଆଜି ସ୍ଥାନୀୟ ମ୍ୟୁଜିକ ସର୍କଲ ପରିସରରେ ଓଡ଼ିଶା ଲେଖିକା ସଂସଦ ସୁନ୍ଦରଗଡ଼ ଶାଖା, ରାଉରକେଲାର ବାର୍ଷିକ ଉତ୍ସବ ତଥା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଛି। କବୟିତ୍ରୀ ଅଳକା ଚାନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଓ ସାରସ୍ୱତ ସାଧିକା ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶିକା ଡ. ମନସ୍ୱିନୀ ଦାଶ ଯୋଗ ଦେଇ ପରିବର୍ତ୍ତନଶୀଳ ସମାଜରେ ସଂସ୍କାର ଆଣିବା ଏବଂ ସମାଜକୁ ଦିଗଦର୍ଶନ ଦେଖାଇବା କ୍ଷେତ୍ରରେ ସାହିତ୍ୟ ଏବଂ ସାହିତ୍ୟିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ସ୍ତ୍ରୀ ରୋଗ ବିଶେଷଜ୍ଞା ଓ କବି ଡାକ୍ତର ଗୀତାଞ୍ଜଳି ପତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକା ଡ. କିଶୋରୀ ଦାଶ ଯୋଗ ଦେଇ 'ନାରୀର ସାମାଜିକ ଦାୟିତ୍ୱବୋଧ ଓ ସାହିତ୍ୟ' ଶୀର୍ଷକ ବିଷୟ ବସ୍ତୁ ଉପରେ ବିଷଦ ଭାବେ ଉପାଦେୟ ଆଲୋଚନା କରିଥିଲେ। ଉକ୍ତ ସାହିତ୍ୟ ସମାରୋହରେ 'ଯାଜ୍ଞସେନୀ' ମହିଳାନୁଷ୍ଠାନର ସାଧାରଣ ସମ୍ପାଦିକା ସମାଜସେବୀ ନିନାରାଣୀ ଜେନାଙ୍କୁ ଡ. କିଶୋରୀ ଦାଶଙ୍କ ମାଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ଇନ୍ଦୁମତୀ ଦାଶ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିଶିଷ୍ଟ କଣ୍ଠଶିଳ୍ପୀ ରାଜକୁମାରୀ ଦେବୀଙ୍କୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁଙ୍କ ମାତା 'ରାଧାରାଣୀ ସାହୁ' ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ ରଶ୍ମିବାଳା ରାଉତରାୟ ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାହିତ୍ୟିକା ତପସ୍ୱିନୀ ବହିଦାର ଆଲୋଚନାରେ ଅଂଶଗ୍ରହଣ କରିଥିଲାବେଳେ ଶିକ୍ଷାବିତ ମଞ୍ଜୁଳା ରଥ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଲେଖିକା ସଂସଦର ସାଧାରଣ ସମ୍ପାଦିକା ସ୍ନେହଲତା ନାୟକଙ୍କ ରଚିତ ସଂଗୀତକୁ ଗାୟିକା ରାଜକୁମାରୀ ଦେବୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ପୁଣ୍ୟତୋୟା' ଓ ସ୍ନେହଲତା ନାୟକଙ୍କ ପୁସ୍ତକ 'ଚୋରାବାଲି'କୁ ଲୋକାର୍ପଣ କରାଯାଇଥିଲା। ବିଶିଷ୍ଟ ଗାଳ୍ପିକା ଜ୍ୟୋତ୍ସ୍ନା ନାୟକ ଏହି 'ଚୋରାବାଲି'କୁ ସମୀକ୍ଷା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଗାଳ୍ପିକା ମୋନାଲିସା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସରରେ ଅପର୍ଣ୍ଣା ସାହୁ ଓ ସ୍ନେହଲତା ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି ଅବସରରେ କବି ମୀନକେତନ ପଶକ୍ଷୟତ, ଡାକ୍ତର ଗୀତାଞ୍ଜଳି ପତ୍ରି, ତ୍ରିଲୋଚନ ସ୍ୱାଇଁ, ସସ୍ମିତା ମହାପାତ୍ର, ମନସ୍ୱିନୀ ଦାଶ, ମଞ୍ଜୁଳା ରଥ, ରଶ୍ମୀବାଳା ରାଉତରାୟ, ସୁକାନ୍ତି ନାୟକ, କଳ୍ପନା ସାହୁ, ସ୍ନେହଲତା ନାୟକ, ସୁଚିତ୍ରା ଲେଙ୍କା ଓ କିଶୋରୀ ଦାଶ ପ୍ରମୁଖ କବିତା ପାଠ କରିଥିଲେ।

# କର୍ମଚାରୀଙ୍କ ଜୀବନସାଥୀଙ୍କ ପାଇଁ କାରଖାନା ଗସ୍ତ କାର୍ଯ୍ୟକ୍ରମ



**ରାଉରକେଲା, ୭।୧(ସମିସ)**

ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନ ସାଥୀଙ୍କ ପାଇଁ "ପ୍ରଗତିରେ ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟିଲ ମେଲଟିଂ ସପ୍ -୨ ବିଭାଗର ୧୫ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଜାନୁଆରୀ ୩ ତାରିଖ ଦିନ ଷ୍ଟିଲ ମେଲଟିଂ ସପ୍ -୨, ବ୍ଲାଷ୍ଟ ଫର୍ଣ୍ଣେସ-୫ ଓ ନୂତନ ପ୍ଲେଟ ମିଲ ବିଭାଗ ଗସ୍ତରେ ନିଆଯାଇଥିଲା। ଏସ୍‌ଏନ୍‌ଏସ୍ -୨ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଟିପି ଶିବଶଙ୍କର ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ମିକ ଓ କାର୍ଯ୍ୟ ବିଭାଗର ବିଭାଗର ଜିଏମ୍ ଇନ୍‌ଚାର୍ଜ ଧୀରେନ୍ଦ୍ର ମିଶ୍ର ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରୀକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ। ସେମାନଙ୍କର ଜୀବନସାଥିଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଚୂଡ଼ାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଥିଲା। କାର୍ମିକ ବିଭାଗର ମ୍ୟାନେଜର ସଂଯୋଜନା କରିଥିଲେ।

## ପୁସ୍ତକ 'ଅନଚାର୍ଟାଡ ରୋମାନ୍ସ' ଉନ୍ମୋଚିତ

**ରାଉରକେଲା,୭।୧(ସମିସ):** ଯୁବ ଲେଖକ ଶୁଭଙ୍କର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଅନଚାର୍ଟାଡ ରୋମାନ୍ସ' ଉନ୍ମୋଚିତ ହୋଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏକ ଭିନ୍ନ ସ୍ୱାଦର ପ୍ରେମ କାହାଣୀ ଉପରେ ଆଧାରିତ ଏହି ପୁସ୍ତକକୁ ଲେଖିବା ପାଇଁ ଶୁଭଙ୍କରଙ୍କୁ ୧୧ ମାସ ସମୟ ଲାଗିଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଏହି ପୁସ୍ତକକୁ ଉଦିତନଗର ସ୍ଥିତ ପାଠାଗାରରେ ଉପଲବ୍ଧ କରାଯାଇଛି। ଏତଦବ୍ୟତୀତ ଫ୍ଲିପ୍ କାର୍ଡ, ଆମାଜନରେ ବି ଏହା ଉପଲବ୍ଧ ରହିଛି। ଏହା ତାଙ୍କର ପ୍ରଥମ ପୁସ୍ତକ ହୋଇଥିଲା ବେଳେ ଅଭିଷେକ ରଥ, ହେମନ୍ତ ବଂଶଲ ପବ୍ଲିସିଂରେ ଏବଂ ବାଲଗୋପାଳ ନନ୍ଦ, ଦିବ୍ୟ ଓ ବଡ ଭଉଣୀ ପ୍ରିୟଙ୍କା ନାୟକ ପ୍ରୁଫ୍ ରିଡର ଭାବେ ସହାୟତା କରିଥିବା ଶୁଭଙ୍କର କହିଛନ୍ତି।




## ସେକ୍ଟର-୬ରୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ରଥ ପରିଭ୍ରମଣ

**ରାଉରକେଲା, ୭।୧(ସମିସ):** ସ୍ଥାନୀୟ ସେକ୍ଟର-୬ ଜଗନ୍ନାଥ ମନ୍ଦିରରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ବାହାରି ସହର ପରିକ୍ରମା କରିଥିଲା। ଏହି ରଥ ବାହାରି ସେକ୍ଟର-୬ର ସି-ବ୍ଲକ, ଇ-ବ୍ଲକ, ଏଚ-ବ୍ଲକ, ଡି- ବ୍ଲକ, କଲ୍ୟାଣୀ ବସ୍ତି, ପି ଆଣ୍ଡ ଟି ବସ୍ତିରେ ପରିକ୍ରମଣ କରିଥିଲା। ଏହି କାର୍ଯ୍ୟକ୍ରମରେ ସୁଧୀର ସୁନ୍ଦର ରାୟ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ, ସମ୍ପାଦକ ଅକ୍ଷୟ କୁମାର ଜେନା, ସୁବାସ ପାତ୍ର, ଜ୍ୟୋତି ମିଶ୍ର, ଉତ୍ତମ କୁମାର ସାହୁ, ଲୋକେଶ ରାଉତ, ପ୍ରସନ୍ନ କୁମାର ରଥ, ଅର୍ଜୁନ ବେହେରା, ବନମାଳୀ ପଳେଇ, ଚିରଞ୍ଜିବି ଡୋର, ଭାସ୍କର ଚଇନି, ପ୍ରଶାନ୍ତ ବାରିକ, ବଦ୍ରୀନାଥ ଦାସ, ପହଲି ନାୟକ, ସୁବାସ ବେହେରା, ଡ. ଜଗନ୍ନାଥ ଦାସ, ଯୋଗେଶ୍ୱର ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲାବେଳେ ଗୌର ହରି ସଂକୀର୍ତ୍ତନ ମଣ୍ଡଳୀ ରାଉରକେଲା ମହାନଗର ନିଗମ ଦ୍ୱାରା ନିଯୁକ୍ତ ହୋଇ ସଂକୀର୍ତ୍ତନ କରିଥିଲେ। ଏହାର ମୁଖ ପଦ୍ମଚରଣ ପରିଡା, ନଳିନୀ ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ତାଳରେ ସଂକୀର୍ତ୍ତନ କରିଥିଲେ। ଏହି ଅବସରରେ ରାଉରକେଲା ମହାନଗର ନିଗମର ଅକ୍ଷୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଘର ଘର ବୁଲି ଅକ୍ଷତ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ ହୋଇଥିଲା। ଆଜି ପ୍ରଥମ ଦିନରେ ପ୍ରାୟ ୫୦୦ଟି ଘର ଅର୍ପଣ ରଥ ପରିଭ୍ରମଣ କରିଥିଲା ବେଳେ ଭକ୍ତ ମନଙ୍କ ଦ୍ୱାରା ସ୍ଥାନେ ସ୍ଥାନେ ରଥକୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ମିଳିଥିଲା। ରଥ ପହଞ୍ଚିଲା କ୍ଷଣି ହରିବୋଲ ହୁଳହୁଳି, ସଂକୀର୍ତ୍ତନ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇ ପଡୁଥିଲା ରାସ୍ତା। ପ୍ରତି ଦୁଆରେ ରଥ ପହଞ୍ଚିବା ପୂର୍ବରୁ ମା'ମାନେ ଝୋଟି ଚିତାରେ ଅଙ୍କିତ ପୂଜା ଅର୍ଚ୍ଚନା କରିବା ସହିତ ଅକ୍ଷତ ଚାଉଳ ଓ ଗୁଆ ଉଦ୍ଦିଷ୍ଟ ପାତ୍ରରେ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଅର୍ପଣ କରୁଥିଲେ। ଏହି ଅବସରରେ ଏକ ମନଜ୍ଞ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

● ଅରୁଣ ଶାସନି ସ୍ମାରକୀ କ୍ରିକେଟ ପ୍ରତିଯୋଗିତା

## ଗୋପାଳପୁରକୁ ହରାଇ ମଲଦା ଚାମ୍ପିଅନ

**ସୁନ୍ଦରଗଡ଼,୭।୧(ସମିସ):** ଟାଙ୍ଗରପାଲି ବ୍ଲକ୍ ଅଧୀନ ରେମଣ୍ଡା ଖେଳପଡ଼ିଆ ଠାରେ ଚାଲିଥିବା ଚତୁର୍ଥ ଅରୁଣ ଶାସନି ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଝାରସୁଗୁଡ଼ା ମଲଦା ଦଳ ଓ ହେମଗିରି ଗୋପାଳପୁର ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ମ୍ୟାଚରେ ମଲଦା ଦଳ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା। ସଞ୍ଜିବନୀ ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।



● ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ସଚେତନତା କର୍ମଶାଳା

# ଜୀବନଜୀବିକା ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

**ବଣାଇଁ,୭।୧(ସମିସ)**



ଆଗକୁ ଗ୍ରୀଷ୍ମପ୍ରବାହ ଆସୁଥିବା ପରିପ୍ରେକ୍ଷୀରେ ବଣାଇଁ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବାରୁ ବହୁ ମୂଲ୍ୟବାନ ଗଛ ପୋଡ଼ିଯିବା ସହିତ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ସଚେତନତା ଓ ନିୟନ୍ତ୍ରଣ ପାଇଁ ବଣାଇଁ ବନଖଣ୍ଡ ବ୍ରାହ୍ମଣୀ ନର୍ସରୀ ପରିସରରେ ବଣାଇଁର ବିଭିନ୍ନ ବିଭାଗର ସମନ୍ୱୟରେ ଏକ ରେଞ୍ଜସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ବଣାଇଁ ରେଞ୍ଜ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ସରକାରୀ ଯୋଜନାରେ ଲୋକଙ୍କୁ ରୋଜଗାରର ପନ୍ଥା ମାଧ୍ୟମରେ ଆତ୍ମନିର୍ଭରଶୀଳ କରିବା ଉପରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଦର୍ଶୀ ସାହୁ, ବ୍ଲକ କୃଷି ଅଧିକାରୀ ଶାଳିନୀ ମାହାନ୍ତି ଯୋଗଦେଇ ବର୍ତ୍ତମାନ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ଜୀବିକା ପ୍ରଦାନ କରି ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମତାମତ ରଖିଥିଲେ। କୃଷି ବିଭାଗ ଦ୍ୱାରା ସମନ୍ୱିତ ଚାଷ ପଦ୍ଧତିରେ କୁକୁଡ଼ା ଚାଷ, ମାଛ ଚାଷ ସହିତ ରବି ଫସଲ ପରେ ବୁଟ, ବିରି, ମୁଗ, ଶୋରିଷ ଚାଷ କରି ଲୋକଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାରର ପରାମର୍ଶ ଦେଇଥିଲେ। ନିଆଁକୁ ନିୟନ୍ତ୍ରଣ ରଖିବାରେ ଗ୍ରାମ୍ୟ ଜଙ୍ଗଲ ସମିତି ସ୍ୱେଚ୍ଛାସେବୀ ଓ ନିକଟସ୍ଥ ଗ୍ରାମବାସୀଙ୍କ ସହାୟତା ନେବା ଓ ମେସିନ ବ୍ୟବହାର କରି ଶୁଖିଲା ପତ୍ରକୁ ନିଆଁ ଠାରୁ ଦୁରେଇ ରଖିବା ସହ ବନ ସଂରକ୍ଷଣ ଆଇନକୁ ମାନିବା ଉପରେ ମତ ପ୍ରକାଶ ପାଇଥିଲା। ସରସରା ବଲାଙ୍ଗ ବନପାଳ ସଦାଶିବ ପାତ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇ ଶିକ୍ଷା ନବୀଶ ରେଞ୍ଜ ଅଧିକାରୀ ଦେବାଶିଷ ନାଏକ, ଫରେଷ୍ଟର ଜ୍ଞାନ ରଞ୍ଜନ ମାହାନ୍ତି, କୃଷି ସହାୟକ ନବୀନ ଚନ୍ଦ୍ର ସାହୁ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରଶନ୍ନ କୁମାର ଦାଶ, ରଞ୍ଜନ କୁମାର ସାମଲ, ବଣାଇଁ ରେଞ୍ଜ ଅଧୀନରେ ଆସୁଥିବା ସମସ୍ତ ପଞ୍ଚାୟତର ସରପଞ୍ଚ, ବିଭିନ୍ନ ଗ୍ରାମରୁ ଆସିଥିବା ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ନୂଆଗାଁ ବ୍ଲକରେ ଜଗନ୍ନାଥ ପରିକ୍ରମା ରଥ ଉଦ୍‌ଘାଟିତ

## ପରିକ୍ରମଣ କରିବ ୨୦ ପଞ୍ଚାୟତ



**ରାଉରକେଲା, ୭।୧(ସମିସ):** ଆସନ୍ତା ୧୭ ତାରିଖ ପୁରୀ ଶ୍ରୀମନ୍ଦିର ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଏବେ ସାରା ଓଡିଶାର ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ବେଳେ ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଜଗନ୍ନାଥ ପରିକ୍ରମା ରଥର ଉଦ୍‌ଘାଟିତ ହୋଇଯାଇଛି। ନୂଆଗାଁ ବ୍ଲକର ସଦରମହକୁମାଠାରେ ରବିବାର ଏହି ଉପଲକ୍ଷେ ଜଗନ୍ନାଥ ପରିକ୍ରମା ରଥକୁ ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଓ ନୂଆଗାଁ ବିଡିଓ ଜ୍ୟୋତି ବିକାଶ ଦାଶ ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କୀର୍ତ୍ତନ ମଣ୍ଡଳୀ ସହ ଏହି ପରିକ୍ରମା ରଥ ନୂଆଗାଁ ବ୍ଲକ ଅଫିସରୁ ନୂଆଗାଁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ବିଡିଓ ସମରେନ୍ଦ୍ର କୁମାର ସର, ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାଶ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ଇଦ୍ରୀସ କୁଲା, ଜିପିଇ ଓ ପ୍ରଦୀପ କୁମାର ସାହୁ, ବିପିସି ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାରଠାରୁ ନୂଆଗାଁ ବ୍ଲକ ୨୦ଟି ପଞ୍ଚାୟତର ସମସ୍ତ ଗ୍ରାମକୁ ଉକ୍ତ ରଥ ପରିକ୍ରମା କରିବା ସହ ପ୍ରତ୍ୟେକ ପରିବାର ନିକଟରୁ ଅରୁଆ ଚାଉଳ ଓ ଗୁଆ ନିଆଯିବାର କାର୍ଯ୍ୟକ୍ରମ ରହିଛି।

# ପାଣି ପାଇଁ ବ୍ଲକର ଦ୍ୱାରସ୍ଥ ହେଲେ ମହିଳା

**ବଙ୍ଗୋମୁଣ୍ଡା, ୭ା୧(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଅର୍ନ୍ତଗତ ଗୋହିରାପଦର ୧୩ ନମ୍ବର ୱାର୍ଡର ମହିଳାମାନେ ପାନୀୟ ଜଳ ପାଇଁ ବ୍ଲକର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି ଯେ ଦୀର୍ଘ ଦିନ ହେବ ତାଙ୍କ ଓ୍ୱାର୍ଡରେ ସ୍ୱଚ୍ଛ ପାନୀୟ ଜଳ ମିଳୁନାହିଁ। ୨୦୦ ଜନସଂଖ୍ୟା ବିଶିଷ୍ଟ ଏହି ୱାର୍ଡରେ ଦୁଇଟି ନଳକୂପ ଥିଲେହେଁ ସେଥିରୁ ହଳଦିଆ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ନୁହଁ। ରୋଷେଇ ତଥା ପିଇବା ପାଇଁ ଜଳର ଘୋର ଅସୁବିଧା ଦେଖାଦେଇଛି। ତେଣୁ ତାଙ୍କ ଓ୍ୱାର୍ଡ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସେମାନେ ଦାବି ଜଣାଇଛନ୍ତି। ବ୍ଲକ ନିକଟରେ ସୁଉଚ୍ଚ ପାଣି ଟାଙ୍କି ଥିଲେ ମଧ୍ୟ ଏହି ପଡ଼ାକୁ ପାନୀୟ ଜଳ ପହଞ୍ଚି ପାରୁ ନ ଥିବା ସେମାନେ କହିଛନ୍ତି। ୧୩ ନମ୍ବର ୱାର୍ଡର କେତକି ମେହେର, ଶୋଭାଗିନୀ ମେହେର, ବୈଦେହୀ, ମଞ୍ଜୁଲତା ମେହେର, ଦମୟନ୍ତୀ ମେହେର, ବନଲତା ମେହେର, ଗୋଲାପି ମେହେରଙ୍କ ସମେତ ଅନେକ ମହିଳା ବ୍ଲକର ଦ୍ୱାରସ୍ଥ ହୋଇ ବିଡିଓଙ୍କୁ ସାକ୍ଷାତ କରିଛନ୍ତି। ବିଡିଓ ସମ୍ପୃକ୍ତ ଜେଇଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡି ନେତ୍ରୀଙ୍କ ବୈଠକ

**କଣ୍ଟାବାଞ୍ଜି, ୭ା୧(ସମିସ):** ଆସନ୍ତା ୧୧ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କଣ୍ଟାବାଞ୍ଜି ଗସ୍ତକୁ ସଫଳ କରିବା ପାଇଁ ରବିବାର କଣ୍ଟାବାଞ୍ଜି ବିଜେଡି କାର୍ଯ୍ୟାଳୟରେ ଏନଏସିସ୍ତରୀୟ ବିଜେଡି ମହିଳା ସଭାନେତ୍ରୀ ସସ୍ମିତା ଦଣ୍ଡସେନାଙ୍କ ସଭାପତିତ୍ୱରେ ୧୬ଟି ୱାର୍ଡର ମହିଳା ନେତ୍ରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅଜୟ ଦାସ, ୫ ନମ୍ବର ୱାର୍ଡମେମ୍ବର ଶ୍ରୀମତୀ ଯାଜ୍ଞସେନୀ ନାଗ, ୭ ନମ୍ବର ୱାର୍ଡମେମ୍ବର ଶ୍ରୀମତୀ ପିଙ୍କି ମହାନନ୍ଦଙ୍କ ଉପସ୍ଥିତିରେ ବୈଠକ ହୋଇଯାଇଛି। ଏହି ବୈଠକରେ ୧୬ଟି ୱାର୍ଡର ମହିଳା କର୍ମୀ ଆଲୋଚନାରେ ଭାଗ ନେଇଥିଲେ।



ସର୍ବଭାରତୀୟ ୱାଇଏମସି କପ୍

# ନୂଆପଡ଼ାକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟସ କଟକ ସେମିକୁ ଉନ୍ନୀତ

**ନୂଆପଡ଼ା, ୭ ।୧(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ମିନିଷ୍ଟାଡିୟମରେ ଚାଲିଥିବା ୩୨ତମ ସର୍ବଭାରତୀୟ ୱାଇଏମସି କ୍ରିକେଟ କପ୍ ରବିବାର ଦିନର ଗ୍ରୁପ (ବି)ର ପ୍ରଥମ ମ୍ୟାଚ ୟୁଥମାସ କ୍ଲବ ନୂଆପଡ଼ା ଏବଂ ରାଇଜିଂ ଷ୍ଟୁଡେଣ୍ଟସ କଟକ ମଧ୍ୟରେ ହୋଇଥିଲା। ପ୍ରଥମେ ୟୁଥମାସ କ୍ଲବ ନୂଆପଡ଼ା ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତି ନେଇଥିଲା। ୨୫ ଓଭରରେ ୯ ୱିକେଟ ବିନିମୟରେ ୧୬୨ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ମାଇକେଲ ସୁବେର ୩୧ ବଲରେ ୩୧ ରନ୍, ଅଭିରୁପ ୨୧ ବଲରେ ୧୧ ରନ, ସରୋଜ ପଣ୍ଡା ୧୫ ବଲ ରେ ୧୬ ରନ୍ ସଂଗ୍ରହ କରିଥିଲେ। କଟକ ଦଳ ପକ୍ଷରୁ ପାପାଲି ୪ ୱିକେଟ, ଅଭିଶେଷ ୨ଟି, ସତ୍ୟ, ସୂର୍ଯ୍ୟକାନ୍ତ ପଙ୍କଳ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୬୩ ରନ ର ବିଜୟ ଲକ୍ଷ୍ୟ ନେଇ ରାଇଜିଂ ଷ୍ଟୁଡେଣ୍ଟସ କଟକ ୨୩.୩ ଓଭରରେ ୬ ୱିକେଟ ହରାଇ କଟକ ଦଳ ବିଜୟ ହାସଲ କରିଥିଲା। ଏହା ପରେ ସିଧା ସେମିଫାଇନାଲରେ ପ୍ରବେଶ କରିଛି ଦଳ। ଦଳ ପକ୍ଷରୁ ସର୍ବାଧିକ ଅଙ୍କିତ ୫୧ ବଲରେ ୫୫ରନ୍, ପ୍ରତ୍ୟୁଷ ୪୫ ବଲରେ ୩୯ ରନ୍, ଓ ପ୍ରିନ୍ସ ୧୨ ବଲରେ ୧୯ ରନ ସଂଗ୍ରହ କରି ୫ ୱିକେଟ ବିଜୟ ହୋଇଥିଲେ। ରାଇଜିଂ ଷ୍ଟୁଡେଣ୍ଟସ କଟକ ଦଳର ପାପାଲି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନୂଆପଡ଼ା ଥାନା ଅଧିକାରୀ ଦିଲିପ ସାହୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅତିଥି ଭାବେ ସମାଜସେବୀ ଟଙ୍କଧର ସାହୁ, ସମ୍ମାନିତ ଅତିଥିଭାବେ ଯୁବ ବିଜେଡି ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ନୂଆପଡ଼ା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଳକର ଉପସ୍ଥତି ରହିଥିଲେ। ଆଜିର ଖେଳକୁ ଓସିଏର ପ୍ୟାନେଲ ଅମ୍ପାୟାର ଅନିଲ ଦାସ ଓ ବିଶ୍ୱମ୍ବର ମହାକୁ ପରିଚାଳନା କରିଥିବା ବେଳେ ସିମାଞ୍ଚଳ ମାହାପତ୍ର, ପୁନିତ ରାଉତ, ଅମିତ ହଂସ ଧାରାବିବରଣୀ ପ୍ରଦାନ କରିଥିଲେ।




ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ରସରସିଆ ନାଚଗୀତରେ ଝୁମିଲେ

**ସୋନପୁର, ୭ ।୧ (ସମିସ)**

ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଧ ନାଚ ଗୀତ ଧୁମ୍ ଜମିଲା। ଗୋଟିଏ ପରେ ଗୋଟିଏ ରସରସିଆ ଲୋକ ଗୀତ ସହ ମନମତାଣିଆ ନାଚ ହଜାର ହଜାର ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପଶ୍ଚିମ ଓଡ଼ିଶାର ବଛା ବଛା କଣ୍ଠଶିଳ୍ପୀଙ୍କ ମନଛୁଆଁ ଗୀତର ଖୁବ୍ ମଜା ନେଇଥିଲେ ଉପସ୍ଥିତ ଦର୍ଶକ। ଶତ୍ରୁଘ୍ନ ଲୁହାଙ୍କ ସମେତ ଅନ୍ୟ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଗୋଟିଏ ପରେ ଗୋଟିଏ ସୁପର ହିଟ୍ ଗୀତରେ ଝୁମି ଉଠିଥିଲେ ଦର୍ଶକ। ପରେ କଳାହାଣ୍ଡିର ଘୁମୁରା, ସମ୍ବଲପୁର ପଡ଼ିଆବାହାଲର ପଞ୍ଚରସି, ସୋନପୁରର ଦଣ୍ଡ, ରାୟଗଡ଼ାର କଳାକାରମାନେ ଢେମସା ନୃତ୍ୟ ପରିବେଷଣ କରିଥିଲେ। ତେବେ ଆସାମର ବିହୁ ଏବଂ ରାଜସ୍ଥାନର ଲୋକନୃତ୍ୟ ମଞ୍ଚକୁ ଦୁଲୁକାଇ ଦେଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାର ସମସ୍ତ ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ଯୋଗ ଦେଇଥିଲେ। ଆସନ୍ତା ୧୦ ତାରିଖ ଯାଏଁ ବିଭିନ୍ନ ବ୍ଲକର ସାଂସ୍କୃତିକ ଦଳଙ୍କ ସହ ରାଜ୍ୟ ଏବଂ ରାଜ୍ୟ ବାହାରର ସାଂସ୍କୃତିକ ଦଳ ନୃତ୍ୟ ଗୀତ ପରିବେଷଣ କରିବେ। ତେବେ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଖୁବ୍ ଗହଳି ଦେଖିବାକୁ ମିଳୁଛି। ଟେରାକୋଟା ସାମଗ୍ରୀ, ହସ୍ତତନ୍ତ, ବଡି ଆଚାର, କାଠ ସାମଗ୍ରୀ ପ୍ରଭୃତି ଲୋକେ ଆଦରରେ କିଣୁଛନ୍ତି। ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି ମିଲେଟ୍ ସାମଗ୍ରୀ। ଦିନରେ ଡ. ପୁରୁଷୋତ୍ତମ ମିଶ୍ରଙ୍କ ସଂଯୋଜନାରେ 'ବୌଦ୍ଧ ତନ୍ତ୍ରଯାନ ଓ ସୁବର୍ଣ୍ଣପୁର' ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକ ଭାବେ ସୁଦାମ ନାଏକ, ଡ. ଦେବାଶିଷ ପାଣ୍ଡିଆ ଏବଂ ଡ. ସୁଦାମ ଦୀପ ଯୋଗଦେଇ ଥିଲେ।





# ଏକଟଙ୍କିଆ କ୍ଲିନିକ୍‌ର ଶୁଭାରମ୍ଭ

**ଦହିତା, ୭ା୧(ସମିସ):** ବୁର୍ଲା ଭିମସାର ଆସିଷ୍ଟେଣ୍ଟ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀ ସ୍ୱାସ୍ଥ୍ୟସେବାକୁ ଜୀବନର ବ୍ରତ କରିନେଇ ସର୍ବତ୍ର ଚର୍ଚ୍ଚାରେ ରହିଛନ୍ତି। ପ୍ରଥମେ ବୁର୍ଲାଠାରେ ଏକ ଟଙ୍କିଆ କ୍ଲିନିକ ଖୋଲି ରୋଗୀସେବା କରିଥିଲେ। ଗରିବ ରୋଗୀମାନଙ୍କ ସେବା କରି ଏକ ଟଙ୍କା ଲେଖାଏ ସଂଗ୍ରହ କରିଥିବାବେଳେ ଶେଷରେ ଗରିବ ଅନାଥ ବିଦ୍ୟାର୍ଥିଙ୍କୁ ତାହା ଦାନ କରିଥିଲେ। ଅନେକ ନିରୀହ ଶିଶୁକୁ ପାଠପଢ଼ାର ଦାୟିତ୍ୱ ନେଇ ନିଜକୁ ଖୁସି ଅନୁଭବ କରୁଛନ୍ତି। ପଦ୍ମପୁର ନିକଟସ୍ଥ ଦହିତାରେ ଡା. ଶଙ୍କର ରାମଚନ୍ଦାନୀ ପୁଣି ଏକ ଟଙ୍କିକିଆ ଜୟ କିଷାନ କ୍ଲିନିକର ଶୁଭାରମ୍ଭ କରିଛନ୍ତି। ବୟୋବୃଦ୍ଧ ଚାଷୀ ଅଞ୍ଜୋର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ୫୨ ଜଣ ରୋଗୀଙ୍କ ରକ୍ତଶର୍କରା, ରକ୍ତଚାପ ଓ ଅନ୍ୟାନ୍ୟ ରୋଗ ପରୀକ୍ଷଣ କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ପ୍ରଥମେ ବରିକେଲ ପରେ ଝାରବନ୍ଧ, ପାଇକମାଲଠାରେ ଜୟ କିଷାନ ଏକ ଟଙ୍କିଆ କ୍ଲିନିକର ଶୁଭାରମ୍ଭ କରାଯାଇଥିଲା। ସଞ୍ଜୟ ସାହୁ, ଗଙ୍ଗାଧର ପାଣ୍ଡେ, ଭଗବାନ ବନଛୋର, ଭୁବନେଶ୍ୱର ବାରିକ, ସୁମନ୍ତ ପାଣିଗ୍ରାହୀ, ସୁବଳ ମହାନ୍ତି ଓ ତରଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ବୋର୍ଡ ପରୀକ୍ଷା ପୂର୍ବରୁ ସନ୍ଦେହମୋଚନ ସ୍ୱତନ୍ତ୍ର କ୍ଲାସ



**ବରଗଡ଼, ୭ା୧(ସମିସ):** ଆଉ ମାତ୍ର ଅଳ୍ପ ଦିନ ରହିଲା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା। ଛାତ୍ରଛାତ୍ରୀଙ୍କ ମନରେ କିଛି ନା କିଛି ପଢ଼ା ବିଷୟରେ ସନ୍ଦେହ ଥିବ ଆଉ ସେ ସବୁର ସମାଧାନ କରି ପାରୁ ନ ଥିବେ। ସେ ସମସ୍ୟାର ସମାଧାନ ପାଇଁ ବରଗଡ଼ ବ୍ଲକ ବରିଷ୍ଠ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଏକ ଭିନ୍ନ ଚିନ୍ତା କରି ରବିବାର ଛୁଟି ଦିନ ହେଲେ ବି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସନ୍ଦେହ ମୋଚନ କ୍ଲାସ ଆୟୋଜନ କରିଥିଲେ। ସ୍ଥାନୀୟ ସରକାରୀ ବାଲିକା ଉଚ୍ଚ ବିଦ୍ୟାଳୟରେ ଏହି ସ୍ୱତନ୍ତ୍ର କ୍ଲାସ ଆୟୋଜିତ କରିଥିଲେ। ଏଥିରେ ବ୍ଲକର ୭୧ ଜଣ ପିଲା ଅଂଶଗ୍ରହଣ କରିଥିଲେ। ଗଣିତ ସାଧନକର୍ମୀ ଭାବରେ ଶିବଶଙ୍କର ଦାସ, ମନମୋହନ ତ୍ରିପାଠୀ ଓ ଝସକେତନ ସାହୁ ଯୋଗଦେଇଥିଲେ। ଇଂରାଜୀର ସନ୍ଦେହ ମୋଚନ କରିଥିଲେ ଅଗସ୍ତି ଭୋଇ ଓ ଗୌରାଙ୍ଗ ପ୍ରଧାନ। ଏହି ଶିବିରର ପରିଚାଳନା କରିଥିଲେ ବିବେକାନନ୍ଦ ଅଦାବର, ଶିବରଞ୍ଜନ ପ୍ରଧାନ ଓ ଚନ୍ଦନ ପଟେଲ। ଏହି ପ୍ରୟାସ ପାଇଁ ଅଭିଭାବକମାନଙ୍କ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସାଧନକର୍ମୀଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଭବିଷ୍ୟତରେ ଏହି ଭଳି ଆୟୋଜନ ପୁଣି କରିବା ପାଇଁ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଭୋଇ ସୂଚନା ଦେବାସହ ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସରକାର ଏବେ ସମସ୍ତ ସ୍କୁଲ ଗୁଡ଼ିକୁ '୫-ଟି'ରେ ସାମିଲ କରି ବହୁ କିଛି ସୁବିଧା ସୁଯୋଗ ଆଣି ଦେଇଛନ୍ତି। ସ୍ମାର୍ଟ୍ କ୍ଲାସରୁମ୍, ଲାଇବ୍ରେରିଠୁ ନେଇ ଅନେକ କିଛି ସୁବିଧା ଯୋଗାଇ ଦେଇଛନ୍ତି। ଛାତ୍ରଛାତ୍ରୀ କେବଳ ସେ ସବୁର ଲାଭ ଉଠାଇ ଭଲ ପାଠପଢ଼ି ନିଜର ଭବିଷ୍ୟତ ଗଢି ପାରିବେ। ଆଜି ଛୁଟି ଦିନରେ ବି ବ୍ଲକ ଶିକ୍ଷା ଅଧିକାରୀ ଘରେ ନ ବସି କିପରି ପରୀକ୍ଷାରେ ପିଲାମାନେ ଭଲ କରିବେ ସେଥି ପାଇ ଏକ ସନ୍ଦେହ ମୋଚନ କ୍ଲାସ କରି ପ୍ରଶଂସାର ପାତ୍ର ହୋଇଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼, ୭ା୧(ସମିସ):** ଟିଟିଲାଗଡ଼ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷିକା ଅଙ୍କିତା କୁମ୍ଭାର, ଡେପୁଟି କଲେକ୍ଟର ଅଭିନାଶ ଲାକ୍ରା, ଶୁଭାଶୀଷ ଶତପଥୀ, ଅତିରିକ୍ତ ତହସିଲଦାର ଗିରୀଶ ଚନ୍ଦ୍ର ଧାରୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଜିଲ୍ଲାପାଳ ଶ୍ରୀ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ପ୍ରକାରେ ସାଧାରଣତନ୍ତ୍ର ଦିବସ ଦିନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରତ୍ୟୁଷ ୪ଘ.୩୦ମି ସମୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପ୍ରଚାର, ସକାଳ ୭ରୁ ୭.୩୦ ମଧ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୮.୩୦ରେ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆନୁଷ୍ଠାନିକ ଭାବେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ସମ୍ମିଳିତ ପ୍ୟାରେଡରେ ହୋମ ଗାର୍ଡ, ଏନସିସି, ସ୍କାଉଟ, ଗାଇଡ, ରେଡକ୍ରସ ଓ ସିଭିଲିଆନ ଦଳ ଅଂଶଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ, ଓଡ଼ିଆ, ଇଂରାଜୀ ଓ, ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଟିଟିଲାଗଡ଼ ଉପଖଣ୍ଡକୁ ଗୌରବାନ୍ୱିତ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ। ସାଧାରଣତନ୍ତ୍ର ଦିବସ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ୟାରେଡ ପରେ ଉପ କାରାଗାର ଅନ୍ତେବାସୀ ଓ ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ଏହି ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀ, ସମାଜସେବୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



# ଅମଳା ସଂଘର ଦାବି ପୂରଣ କଲେ ସରକାର

**ବରଗଡ଼, ୭ା୧(ସମିସ)**

ଓଡ଼ିଶା ରାଜସ୍ୱ ଅମଳା ସଂଘର ୨୦୧୭ ମସିହା ଠାରୁ ବହୁ ପ୍ରତୀକ୍ଷିତ ପୃଥକ ପାହ୍ୟା ଦାବି ଆଜି ରାଜ୍ୟ ସରକାର ପୂରଣ କରିବା ସହିତ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶା ରାଜସ୍ୱ ଅମଲାସଂଘର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କ ମନରେ ଖୁସିରଲହରୀ ଖେଳିଯାଇଛି। ସମଗ୍ର ରାଜ୍ୟର ରାଜସ୍ୱ ଅମଲାମାନେ ଆଜିର ଦିନଟିକୁ ଐତିହାସିକ ଓ ସ୍ମରଣୀୟ ଦିବସ ବୋଲି ବିବେଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେମାନେ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହିତ ଏହାକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ରାଜସ୍ୱ ଅମଲାସଂଘର ମାର୍ଗଦର୍ଶକ ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲା ମନୋଜ ରାୟ, ରବୀନ୍ଦ୍ର ସେଠି, ଆଦିତ୍ୟ ମହାପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଐତିହାସିକ ମୁହୂର୍ତ୍ତର ଶ୍ରେୟ ଜିଲ୍ଲାସ୍ତରର ପ୍ରତ୍ୟେକ ରାଜସ୍ୱ ଅମଲାମାନଙ୍କ କଠିନ ପରିଶ୍ରମ ଓ ଦ୍ୱାରା ସମ୍ଭବ ହେଲା ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ସଂଘର ଅନ୍ୟାନ୍ୟ ଦାବିଗୁଡ଼ିକ ଖୁବଶୀଘ୍ର ରାଜ୍ୟ ସରକାର ପୂରଣ କରିବେ ବୋଲି ଶ୍ରୀ ମହାପାତ୍ର, ସଂଘର ଅଧ୍ୟକ୍ଷ ଲୋକେଶ୍ୱର ସାହୁ ଆଶାବ୍ୟକ୍ତ କରିଛନ୍ତି।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ତୁଷୁରା, ୭ା୧(ସମିସ):** ବଲାଙ୍ଗୀର ଜିଲ୍ଲା ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ରବିବାର ସନ୍ଧ୍ୟାରେ ୩୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ବିଦ୍ୟାଳୟର ସଭାପତି ଦିନଦୟାଲ କେଡିଆଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଦକ୍ଷିଣ ପଶ୍ଚିମ ସମ୍ଭାଗ ଶିକ୍ଷା ବିକାଶ ସମିତିର ରୁଦ୍ରମାଧବ ବାରିକ ଯୋଗଦାନ କରିଥିଲେ। ପ୍ରଧାନ ଗୁରୁଜୀ ସୁଶିଲ ଦାଶ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ବଲାଙ୍ଗୀର ଜିଲ୍ଲା ବିଜେଡି ସଭାପତି ବିଷ୍ଣୁ କେଡିଆ ଏବଂ ବିଦ୍ୟାଳୟ ସମ୍ପାଦକ ବେଣୁଧର ମନହୀରା, ସୁରେଶ ସାହୁ ମଧ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଗତମାସରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ାରେ ବିଜୟୀ ଏବଂ ପାଠ ପଢ଼ାରେ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସକାଳ THE SAKALA



### ଦୁର୍ନୀତିର ଗନ୍ତାଘର କୁତ୍ରା ତହସିଲ କାର୍ଯ୍ୟାଳୟ

# ଲାଞ୍ଚ ନ ଦେଲେ ଆବେଦନ ଡ୍ରପ୍ କରାଯାଉଥିବା ଅଭିଯୋଗ

କୁତ୍ରା, ୭ ।୧(ସମିସ)




ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ତହସିଲ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହେଉଥିବା ବେଳେ ଲାଞ୍ଚ ନ ଦେଲେ ଉତ୍ତରାଧିକାରୀ ପ୍ରମାଣପତ୍ର, ଜମିମାପ ଭଳି ବିଭିନ୍ନ ଆବେଦନଗୁଡ଼ିକୁ ବିଭିନ୍ନ ଆଳ ଦେଖାଇ ଡ୍ରପ୍ କରି ଦିଆଯାଉଛି । କୁତ୍ରା ତହସିଲର ସଦରମହକୁମା କୁତ୍ରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏଭଳି କାମ ହେଉଥିବା ଅଭିଯୋଗ ହେଉଛି ।

ସୂଚନା ଅନୁସାରେ କୁତ୍ରା ଗ୍ରାମର ଜଣେ ମହିଳା ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ କୁତ୍ରା ତହସିଲରେ ଆବେଦନ କରିଥିଲେ । କୁତ୍ରା ତହସିଲ କାର୍ଯ୍ୟାଳୟରୁ ଉକ୍ତ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ କୁତ୍ରା ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା; ହେଲେ କୁତ୍ରା ରାଜସ୍ୱ ନିରୀକ୍ଷକ ତଦନ୍ତ ବଦଳରେ ରିପୋର୍ଟ ଦେବାପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ମହିଳା ଜଣକ ଏବାବଦରେ ବୁଝିବା ପାଇଁ ଜଣେ ସାମ୍ବାଦିକଙ୍କୁ ଅନୁରୋଧ କରିଥିଲେ । ସାମ୍ବାଦିକ ଜଣକ ଏବାବଦରେ କୁତ୍ରା ରାଜସ୍ୱ ନିରୀକ୍ଷକଙ୍କୁ ପଚାରି ବୁଝିବାରୁ ଆବେଦନକାରୀ ମୋ କଥା ବୁଝୁନାହାନ୍ତି ଏଣୁ କେସଟିକୁ ଡ୍ରପ୍ କରିଦେବି ବୋଲି କୁତ୍ରା ରାଜସ୍ୱ ନିରୀକ୍ଷକ ଜବାବ ଦେଇଥିଲେ । ଦୁଇ ତିନିଦିନ ପରେ ସତକୁ ସତ କେସ୍‌ଟିକୁ ଡ୍ରପ୍ କରିଦିଆଯାଇ ଥିଲା । ଏ ବାବଦରେ କୁତ୍ରା ତହସିଲଦାର ପ୍ରିୟବ୍ରତ ବାସ୍କେଙ୍କୁ କେସ୍‌ଟି କାହିଁକି ଡ୍ରପ୍ କରାଗଲା ବୋଲି ପଚାରିବାରୁ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ମୁତାବକ କେସ୍‌ଟିକୁ ଡ୍ରପ୍ କରାଗଲା ବୋଲି କହିଥିଲେ । ପ୍ରକୃତରେ ରାଜସ୍ୱ ନିରୀକ୍ଷକ ଜଣକ କିଛି ଲାଞ୍ଚ ଟଙ୍କା ପାଇଁ କେସ୍‌ଟିକୁ ଡ୍ରପ କରି ଦେଉଥିବା ଅଭିଯୋଗ ହେଉଛି । ଅନ୍ୟପଟେ ତହସିଲଦାରଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ତହସିଲର ସଚ୍ଚୋଟ କାର୍ଯ୍ୟଶୈଳୀ ଉପରେ ସନ୍ଦେହ ସୃଷ୍ଟି ହେଉଛି । କୁତ୍ରା ତହସିଲରେ ବିଭିନ୍ନ ଆବେଦନପତ୍ରଗୁଡ଼ିକୁ ଡ୍ରପ୍ କଲାପରେ ଆବେଦନକାରୀ ତହସିଲରୁ ସାର୍ଟିଫାଏ କପି ବାହାର କରି ଉପଜିଲ୍ଲାପାଳଙ୍କ ପାଖରେ ଅପିଲ କରିବା ପାଇଁ ଅଜଥା ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ହଇରାଣ ହେବାକୁ ପଡୁଛି, ଏଣୁ ଉଚ୍ଚ କର୍ତ୍ତୃପକ୍ଷ କୁତ୍ରା ତହସିଲ ପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### କୋଇଲା ଚୋରି ମାମଲା

## ଅଭିଯୁକ୍ତଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ

**ସୁନ୍ଦରଗଡ଼, ୭।୧(ସମିସ):** ହେମଗିରି ଥାନା ଘୋଘରପାଲି ଅଞ୍ଚଳରେ କୋଇଲା ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଜଣେ ଗ୍ରାମବାସୀ ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । କିଛି ଦିନ ତଳେ ଘୋଘରପାଲି ଗ୍ରାମର ହୀରାଲାଲ ଖମାରୀ (୪୩)ଙ୍କ ଚୋରା କୋଇଲା ବୋଝେଇ ଏକ ଟ୍ରକ୍ ହେମଗିର ପୁଲିସ ଦ୍ୱାରା ଜବତ ହୋଇଥିଲା । ଏହା ପରେ ସେ ନିଜ ଗ୍ରାମର ସୁଭକ୍ତି ପଧାନ ପୁଲିସକୁ ସୂଚନା ଦେଇଥିବା ସନ୍ଦେହ କରି ତାଙ୍କ ପରିବାର ଉପରେ ଦାଉ ସାଧୁଛନ୍ତି । ପୁରୁଷ ଲୋକେ ନ ଥିବା ସମୟରେ ସେ ତାଙ୍କ ଘରକୁ ଯାଇ ମହିଳା ମାନଙ୍କୁ ହାଇରାଣ କରିଥିଲେ । ଏ ନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ ହେମଗିର ଥାନାରେ ମାମଲା ରୁଜୁ ହୋଇଛି । ତଥାପି ତାଙ୍କ ଭୟ ରହୁ ନାହିଁ । ସୁଭକ୍ତିଙ୍କ ସମ୍ପର୍କୀୟ ସନ୍ତୋଷ ଖମାରୀଙ୍କ ମୁଣ୍ଡକାଟ ଧମକ ଦେବାପରେ ସନ୍ତୋଷ ମଧ ଏ ନେଇ ଥାନାରେ ଏତଲା ଦେଇଛନ୍ତି । ଏତଦବ୍ୟତୀତ, ତୋଷରାମ ଖମାରୀ ଏବଂ ତାଙ୍କ ଝିଅଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେବାକୁ ଧମକ ଦେଇଥିବା ବେଳେ ସନ୍ଧ୍ୟାରେ ଖୋଲାଖୋଲି ଗାଁ ଦାଣ୍ଡରେ ବନ୍ଧୁକ ଧରି ଲୋକଙ୍କୁ ଧମକାଉଛନ୍ତି । ଗତ ବର୍ଷ ଗାଁ ଲୋକେ ଅଭିଯୁକ୍ତଙ୍କ କୋଇଲା ଚୋରି ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକଙ୍କଠାରେ ଅଭିଯୋଗ କରିଥିଲେ ହେଁ ତାଙ୍କ କୋଇଲା ଚୋରି ଏବଂ ଦୌରାତ୍ମ୍ୟରେ ରୋକ୍ ଲାଗି ନାହିଁ । ଅଭିଯୁକ୍ତ ଜଣେ ଅପରାଧ ଶ୍ରେଣୀୟ ବ୍ୟକ୍ତି ହୋଇଥିବାରୁ କେତେବେଳେ କାହାର ମୁଣ୍ଡ ଗଡ଼ିବା ଆଶଙ୍କାରେ ସମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ କାଳାତିପାତ କରୁଥିବା ସୁଭକ୍ତି ଅଭିଯୋଗ କରିଛନ୍ତି । ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ ଜଣାଇଛନ୍ତି ।

### ୮ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଯୌନ ନିର୍ଯାତନା

## ଫେରାର୍ ଛାତ୍ରାବାସ ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ସୁନ୍ଦରଗଡ଼, ୭।୧(ସମିସ):** କୁତ୍ରା ବ୍ଲକ ଗୋମାରିଡିହି ମିଶନ ୟୁପି ସ୍କୁଲର ଛାତ୍ରାବାସରେ ୮ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଛାତ୍ରାବାସ ଅଧୀକ୍ଷକଙ୍କ ଯୌନ ନିର୍ଯାତନା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି । ଉକ୍ତ ଘଟଣା ଲୋକ ଲୋଚନକୁ ଆସିବା ପରେ ଫେରାର ଥିବା ସମ୍ପୃକ୍ତ ଛାତ୍ରବାସ ଅଧୀକ୍ଷକ ରୋଶନ କିଶୋର ଖେସଙ୍କୁ ତୁରନ୍ତ ଗିରଫ କରାଯାଇ ତାଙ୍କୁ କୋଠର ଦଣ୍ଡରେ ଦଣ୍ଡିତ କରାଯିବାକୁ ଦାବି ହେଉଛି । ଅଭିଯୁକ୍ତ ରୋଶନ ମିଶନାରୀ ସଂସ୍ଥାର ଫାଦର ଅଟନ୍ତି । ସଂସ୍ଥା ପକ୍ଷରୁ ତାଙ୍କୁ ସ୍କୁଲ ଛାତ୍ରାବାସର ଅଧୀକ୍ଷକ ଦାୟିତ୍ୱ ଦିଆ ଯାଇଥିଲା । ତେବେ ସେ ଫାଦର ହିସାବରେ ଅନ୍ତେବାସୀଙ୍କୁ ସତ୍‌ମାର୍ଗରେ ନେବା ପରିବର୍ତ୍ତେ ନିଜେ ବିପଥଗାମୀ କାର୍ଯ୍ୟ କରୁଥିଲେ । ୮ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ତାଙ୍କ ଦେହମାଲିସ କରିବାକୁ କହିବା ସହ ନିଜ ସମ୍ବେଦନଶୀଳ ଅଙ୍ଗରେ ହାତ ମାରିବାକୁ କହୁଥିଲେ । ଏନେଇ ଛାତ୍ରମାନେ ଅତିଷ୍ଠହୋଇ ନିଜ ଅଭିଭାବକଙ୍କୁ ଜଣାଇ ଥିଲେ । ଅଭିଭାବକମାନେ ଏ ନେଇ କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କୁ ଏହାର ନକଲ ପ୍ରଦାନ କରିଥିଲେ । ଫଳରେ ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଏବଂ ଜିଲ୍ଲା ଶିଶୁ ମଙ୍ଗଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଜିଲ୍ଲା ଶିଶୁମଙ୍ଗଳ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରା ଯାଇଥିଲା । ତଦନ୍ତରୁ ଘଟଣାରେ ସତ୍ୟତା ଥିବା ସ୍ପଷ୍ଟ ହେବାପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଏ ନେଇ କୁତ୍ରା ଥାନାରେ ଏତଲା ଦେଇଛନ୍ତି । ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତଙ୍କୁ ପୁଲିସ ଫେରାର ଦର୍ଶାଇ ଅଦ୍ୟାବଧି ଗିରଫ କରିନାହିଁ ।

### --ମୋକ୍ଷପ୍ରାପ୍ତି ଅପେକ୍ଷାରେ ୫୫ ମୃତାତ୍ମା

## ତୃତୀୟ ଥର ସାମୂହିକ ଅସ୍ଥିକଳସ ବିସର୍ଜନ କରିବେ ଶ୍ମଶାନ ବନ୍ଧୁ



**ସୁନ୍ଦରଗଡ଼, ୭।୧(ସମିସ):** ମହାମାରୀ କରୋନାକାଳରେ ସ୍ୱେଚ୍ଛାକୃତ ଭାବେ ଶହଶହ କରୋନା ମୃତକଙ୍କ ଶବ ସଂସ୍କାର କରି ସାରା ଦେଶରେ ଚର୍ଚ୍ଚାକୁ ଆସିଥିବା ସୁନ୍ଦରଗଡ଼ ସହର ଶ୍ମଶାନ ବନ୍ଧୁ ମାନେ ତୃତୀୟ ଥର ପାଇଁ ସାମୂହିକ ଅସ୍ଥି ବିସର୍ଜନ କରିବାକୁ ନିଷ୍ପତ୍ତି ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ଏହି ଚର୍ଚ୍ଚିତ ଶ୍ମଶାନ ବନ୍ଧୁ ମାନେ ଆସନ୍ତା ୯ ତାରିଖରେ ୫୫ ଜଣ ମୃତକଙ୍କ ଅସ୍ଥିକଳସ ନେଇ ପ୍ରୟାଗରାଜ, ବନାରସ ଓ ଗୟା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା, ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ଅସ୍ଥିକଳସ ବିସର୍ଜନ ପରେ ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ କରି ଦାନ, ଗଙ୍ଗା ଭୋଜ ଓ ବ୍ରାହ୍ମଣ ଭୋଜନ କରିବାକୁ ଯୋଜନା କରିଛନ୍ତି । ମହାମହାରୀ କରୋନା କାଳରେ କୋରୋନାର ଡର ଏପରି ଲୋକଙ୍କ ମନରେ ରହିଥିଲା ଯେ ସଂକ୍ରମଣ ଭୟରେ କରୋନା ମୃତକଙ୍କୁ ନିଜର ପରିବାର ସଦସ୍ୟ ମା' ବାପାଙ୍କ ମଲା ମୁହଁରେ ନିଆଁ ଦେବା'ତ ଦୂରର କଥା ଶବଦାହ ପରେ ଅସ୍ଥିକଳସ ଗୁଡିକ ନେଉ ନ ଥିଲେ । ଶ୍ମଶାନ ବନ୍ଧୁଙ୍କ ବାରମ୍ବାର ନିବେଦନ ପରେ ମଧ ନେବାକୁ ଆସି ନ ଥିଲେ । ଏ ସ୍ଥିତିରେ ନିଜ ପାଖରେ ସଂରକ୍ଷିତ ରଖିଥିବା ଅସ୍ଥିକଳସ ଗୁଡ଼ିକ ସେମାନେ ନିଜ ଉଦ୍ୟମରେ ପ୍ରଥମେ ୨୦୨୧ ଜୁଲାଇ ମାସରେ ପ୍ରୟାଗରାଜ ବିସର୍ଜନ କରିଥିଲେ । ଏହା ସହିତ ଗୟାଠାରେ ପିଣ୍ଡଦାନ କରି ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ କରିବା ପରେ ବ୍ରାହ୍ମଣ ଭୋଜନ, ଦାନ ଦପାନ ଦେଇ ଗଙ୍ଗାଭୋଜର ଆୟୋଜନ କରିଥିଲେ । ଏହା ଭିତରେ ଶ୍ମଶାନ ବନ୍ଧୁଙ୍କ ଦାୟିତ୍ୱ ମଧ ବଢ଼ି ଯାଇଥିଲା । ଡାକ୍ତରଖାନାରେ ଛାଡି ଯାଇଥିବା, ପୁଲିସ ଜବତ କରୁଥିବା ଅପରିଚିତ, ଅଚିହ୍ନା, ଅଜଣା ମୃତକ, ଆସ୍ଥାଗୃହ, ବିଭିନ୍ନ ବୃଦ୍ଧାଶ୍ରମରେ ଅନ୍ତେବାସୀ, ଜାତିବାଦ ର ଶିକାର ହେଉଥିବା ତଥା ଅର୍ଥାଭାବରୁ ଶବସଂସ୍କାର କରି ପାରୁନଥିବା, ଭିକାରୀ ମାନସିକ ବିକୃତ ଭାବେ ବୁଲୁଥିବା ରୋଗୀଙ୍କ ମୃତ ଦେହ ଗୁଡିକ ସ୍ୱେଚ୍ଛାକୃତ ଭାବେ ଅନ୍ତିମ ସଂସ୍କାର କରିଛନ୍ତି । ଏମାନଙ୍କ ଅସ୍ଥିକଳସ ଗୁଡିକରୁ ୫୫ ଜଣଙ୍କ କେହି ଦାବିଦାର ନ ଥିବାରୁ ଶ୍ମଶାନ ବନ୍ଧୁ ମାନେ ନିଜ ଅସ୍ଥି ବିସର୍ଜନ କରିବାକୁ ମହତ୍ ନିଷ୍ପତ୍ତି ନେଇଛନ୍ତି ।

### ଗ୍ରାମ୍ୟ ରାସ୍ତା ନିର୍ମାଣ ଦାବି

## କୁକୁରିଡିହି ଗ୍ରାମବାସୀଙ୍କ ଭୋଟ୍‌ବର୍ଜନ ଚେତାବନୀ

**ସୁନ୍ଦରଗଡ଼, ୭।୧(ସମିସ):** ସବଡେଗା ବ୍ଲକର କୁକୁରିଡିହି ବସ୍ତି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏପରିକି ଉକ୍ତ ରାସ୍ତାରେ ଚାରି ଚକିଆ ଯାନ ମଧ୍ୟ ଯାଇ ପାରୁନାହିଁ । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ସେମାନେ ନୂତନ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ଏଣୁ ପରିଶେଷରେ ଗ୍ରାମବାସୀ ଏକ ବୈଠକ କରି ଆଗାମୀ ସାଧରଣ ନିର୍ବାଚନ ପୂର୍ବରୁ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି । ଅନ୍ୟଥା ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ତେବେ ସେମାନେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ପ୍ରଶାସନକୁ ଅଦ୍ୟାବଧି ସୂଚୀତ କରି ନ ଥିବା ଜଣାପଡ଼ିଛି ।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ

**ବାଲିଶଙ୍କରା, ୭।୧(ସମିସ):** ବାଲିଶଙ୍କରା ବ୍ଲକ ତଲସରା ପଞ୍ଚାୟତ କୁର୍ମିଡ଼ିହି ଗ୍ରାମର ହିତାଧିକାରୀ ସଦାନନ୍ଦ ଦାନୀଙ୍କୁ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରିଲିଫ ପାଣ୍ଠିରୁ ଜୀବନଜୀବିକା ପାଇଁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଦୋକାନ କରିବା ଏବଂ ଦୁଇ ପୁଅକୁ ପାଠ ପଢ଼ିବା ପାଇଁ ଏହି ଟଙ୍କା ପ୍ରଦାନ କରାଯାଇଛି । ଏହି ଅବସରରେ ସିପି ତାପସ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ବାଲିଶଙ୍କରାରେ ଗଡ଼ିଲା ଶ୍ରୀଜଗନ୍ନାଥ ରଥ



**ବାଲିଶଙ୍କରା, ୭।୧(ସମିସ):** ଆଜିଠାରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀଜଗନ୍ନାଥ ରଥ ଗଡ଼ିଛି । ବାଲିଶଙ୍କରା ରାମଜାନକୀ ଜଗନ୍ନାଥ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ରଥ ଗଡ଼ିଛି । ଏଥିରେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଜୟରାମପଧାନ ପ୍ରମୁଖ ଯୋଗଦେଇ ଥିଲେ । ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ବାଲିଶଙ୍କରା ବ୍ଲକର ୧୯ଟି ପଞ୍ଚାୟତକୁ ପ୍ରତ୍ୟେକ ଘର ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରାଯାଇ ଶ୍ରୀମନ୍ଦିରକୁ ପଠାଯିବ । ସୁଗ୍ରୀବ ବାଘଙ୍କ ନେତୃତ୍ୱରେ ସଂକୀର୍ତ୍ତନ ମଣ୍ଡଳୀ ମହାପ୍ରଭୁଙ୍କ ମହିମା ଗାନ କରି ଗ୍ରାମ ପରିକ୍ରମା କରିଥିଲେ ।

## କଂଗ୍ରେସ ପ୍ରଭାରୀଙ୍କ ସହ ପ୍ରବୋଧ ତିର୍କୀଙ୍କ ଆଲୋଚନା



**ବାଲିଶଙ୍କରା, ୭।୧(ସମିସ):** ରାଜ୍ୟ କଂଗ୍ରେସ ଦଳର ନୂଆ ପ୍ରଭାରୀ ଭାବେ ଓଡ଼ିଶାକୁ ଆସିଥିବା ଡ. ଅଜୟ କୁମାର କଂଗ୍ରେସ ଭବନରେ ବିଭିନ୍ନ ଜିଲ୍ଲା ଓ ବ୍ଲକରୁ ଆସିଥିବା କଂଗ୍ରେସ ସଭାପତିଙ୍କୁ ଭେଟି ପଞ୍ଚାୟତ କମିଟିର ସମସ୍ତ ବୁଥ୍‌ଗୁଡ଼ିକରେ ତୃଣମୂଳସ୍ତରରୁ କଂଗ୍ରେସ ଦଳକୁ କିପରି ଭାବେ ମଜଭୁତ କରାଯିବ ସେନେଇ ଆଜି ଆଲୋଚନା କରାଯାଇଥିଲା । ଏହି ଅବସରରେ ପୂର୍ବତନ ଭାରତୀୟ ହକି ଦଳର ଅଧିନାୟକ ପ୍ରବୋଧ ତିର୍କୀ ଡ. ଅଜୟ କୁମାରଙ୍କୁ ସାକ୍ଷାତ କରି ତଲସରା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ବାଲିଶଙ୍କରା ବ୍ଲକ କଂଗ୍ରେସ ସଭାପତି ସୁଧାଂଶୁ ପଶାୟତ, ସବଡେଗା ବ୍ଲକ ସଭାପତି ଶୁଭେନ୍ଦୁ କୁମାର ନାଏକ ମଧ ଉପସ୍ଥିତ ଥିଲେ ।

## ସମତା ମଣ୍ଡଳ ଅରବିନ୍ଦ କ୍ରୀଡ଼ା ଶିବିର



**ସୁନ୍ଦରଗଡ଼, ୭।୧(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ କଇଁସରାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ସମତା ମଣ୍ଡଳ ଅରବିନ୍ଦ କ୍ରୀଡ଼ା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଦୁଇ ଦିନିଆ କ୍ରୀଡ଼ା ଶିବିରରେ ସୁନ୍ଦରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପାଠଚକ୍ରର ଅପା, ଭାଇମାନେ ଯୋଗଦାନ କରିଥିଲେ । ଏଥିରେ ଅରବିନ୍ଦ ଶିକ୍ଷାଧାରାରେ ଶାରୀରିକ ଶିକ୍ଷାର ମହତ୍ୱ ଉପରେ ଆଲୋଚନା କରାଯିବା ସହ ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ସୁନ୍ଦରଗଡ଼ ଜିଲ୍ଲା ସଂଗଠକ ସୁନୀଲ ଭାଇ, ଝାରସୁଗୁଡ଼ା ଜିଲ୍ଲା ସଂଗଠକ ସୁରେନ୍ଦ୍ର ଭାଇ ଓ ଦେବଗଡ଼ ଜିଲ୍ଲାର ପ୍ରଦୀପ ଭାଇ ପ୍ରମୁଖ ଯୋଗ ଦେଇ ମାତୃ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼, ୭।୧(ସମିସ):** ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଭବ୍ୟ ଉତ୍ସବରେ ଯେପରି ପ୍ରତିଟି ଓଡ଼ିଆ ଯୋଡ଼ି ହୋଇ ଦିବ୍ୟ ଅନୁଭବର ସାନିଧ ଲାଭ କରି ପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ମାଧ୍ୟମରେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ସବୁ ଅଞ୍ଚଳ ପରିକ୍ରମା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ପ୍ରତି ଘରୁ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି । ଏହି କ୍ରମରେ ଜୟ ଜଗନ୍ନାଥ ଅର୍ପଣ ରଥ ରବିବାର ସୁନ୍ଦରଗଡ଼ ସଦର ବ୍ଲକ କିରେଇ ପଞ୍ଚାୟତ ପରିକ୍ରମା କରିଛି । ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଟିଡିସିସି ଅଧ୍ୟକ୍ଷା ଚମେଲି ଓରାମ ପ୍ରମୁଖ ଉକ୍ତ ରଥକୁ କିରେଇ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଜୟ ଜଗନ୍ନାଥ ଅର୍ପଣ ରଥକୁ ଗ୍ରାମବାସୀ ପୂଜା ଅର୍ଚ୍ଚନା ଏବଂ ସଂକୀର୍ତ୍ତନ ଭଜନ କରି ସ୍ୱାଗତ ଜଣାଇବା ସହ ସମସ୍ତଙ୍କ ଘରୁ ମୁଠେ ଅରୁଆ ଚାଉଳ ଓ ଗୋଟିଏ ଗୁଆ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗ୍ରହଣ କରା ଯାଇଛି । ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି ।

## କୁଲତା ସମାଜର ବନ୍ଧୁମିଳନ



**ସୁନ୍ଦରଗଡ଼, ୭।୧(ସମିସ):** ବିଶାଶହେ କୁଲତା ସମାଜର ସୁନ୍ଦରଗଡ଼ ସହର ଶାଖା ତରଫରୁ ବାର୍ଷିକ ବନ୍ଧୁ ମିଳନ ରବିବାର କାଇଁତରା ଇବ୍ ନଦୀ କୂଳରେ ଅନୁଷ୍ଠିତ ହୋଇଛି । ଶତାଧିକ ମହିଳା ଓ ପୁରୁଷ ଏହି ବନ୍ଧୁ ମିଳନରେ ସାମିଲ ହୋଇଥିଲେ । ଗବର୍ଦ୍ଧନ ସାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ସଭାରେ ଅଧ୍ୟାପକ ସୌରୀ ନାରାୟଣ ପ୍ରଧାନ ବାର୍ଷିକ ବିବରଣୀ ପାଠ, ଅଧ୍ୟାପକ ପ୍ରଶାନ୍ତ ଭୋଇ ଅତିଥି ପରିଚୟ ପ୍ରଦାନ ଓ କୁନୁ ବିଶ୍ୱାଳ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ବିରଜା ସା ସଭା ସଞ୍ଚାଳନ କରିଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ଅମୁଲ୍ୟ କୁମାର ପ୍ରଧାନ, ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନ ଭୋଇ, ନବୀନ ବିଶ୍ୱାଳ, ଅଧ୍ୟାପକ ଯୁବରାଜ ସାହୁ, ଅଧ୍ୟାପକ ବ୍ରଜେସ ସାହୁ, ଆତ୍ମାରାମ ବାରିକ, ସରୋଜ ସାହୁ, କୁମୁଦ ପ୍ରଧାନ, ଶିବରାଜ ପ୍ରଧାନ, ଚୈତନ୍ୟ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ମହିଳାମାନଙ୍କ ମଧ୍ୟରେ ରାମଚଣ୍ଡୀ କୁଇଜ୍ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା । ଅମାତ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଅମିତ ଖମାରି, ତାରଣୀ ବିଶ୍ୱାଳ, ଅଶ୍ୱିନୀ ପଧାନ, ସରୋଜ ସାହୁ, ତୀର୍ଥାବସୀ ପାତ୍ର, ଅକ୍ଷୟ ଭୋଇ, ଜିତେନ୍ ପ୍ରଧାନ, ପୁରୁ ପ୍ରଧାନ, ପଞ୍ଚାନନ ପ୍ରଧାନ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

### ଥମୁନି ଜଙ୍ଗଲୀ ହାତୀପଲଙ୍କ ଉପଦ୍ରବ

## ତେଲିଯୋର, ମହୁଲଗାଁ ଗ୍ରାମବାସୀଙ୍କ ରାସ୍ତାରୋକ

ବାଲିଶଙ୍କରା, ୭।୧(ସମିସ)



ସୁନ୍ଦରଗଡ଼ ରେଞ୍ଜ ଅଧୀନସ୍ଥ ରାଉଳଡେଗା ସେକ୍ସନ ଅନ୍ତର୍ଗତ ତେଲିଯୋର, ସଲିହାପଡ଼ା, ଭଗତପଡ଼ା, ମହୁଲଗାଁ, ହେଣ୍ଡୁଆଣୁଖା, ରାମପୁର, ଗଇକନପାଲି, ଗଣ୍ଡାମରା ଆଦି ଗାଁରେ ସନ୍ଧ୍ୟାହେଲା ମାତ୍ରକେ ହାତୀପଲଙ୍କ ଉପଦ୍ରବ ଲାଗି ରହୁଛି । ହାତୀପଲଙ୍କ ଉପଦ୍ରବ ଯୋଗୁଁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତେଲିଯୋର, ମହୁଲଗାଁ ନିକଟରେ ସିରମୁଣ୍ଡା ଜଙ୍ଗଲରେ ହାତୀ ଅଛି । ସେଠାରେ ଖାଇବା, ରହିବା, ପାଣିର ସବୁ ବ୍ୟବସ୍ଥା ଥିବାରୁ ରାତିରେ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ଘରୋଇ ଉପକରଣ ମାଡି ଦଳି ନଷ୍ଟ କରୁଛନ୍ତି । ବନବିଭାଗ ହାତୀପଲଙ୍କୁ ଘଉଡାଇବା ପାଇଁ ଯେତେ ଚେଷ୍ଟାକଲେ ମଧ ହାତୀ ଅଞ୍ଚଳ ଛାଡି ଯାଉନାହିଁ । ଏଥିରେ ଅତିଷ୍ଠ ହୋଇ ତେଲିଯୋର, ମହୁଲଗାଁ ଗ୍ରାମବାସୀ ରାସ୍ତାରୋକ କରିଥିଲେ । ପରେ ବନବିଭାଗର ଅଧିକାରୀ ପହଞ୍ଚି ସରକାରୀ ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକରୁ ଗ୍ରାମବାସୀ ହଟିଥିଲେ । ରବିବାର ସନ୍ଧ୍ୟାରେ ବାଲିଶଙ୍କରା ସରବାହାଲଠାରେ ଜଳଧର ମାଝୀ (କାଲୋ)ଙ୍କ ଘରକୁ ଭାଙ୍ଗି ଦେଇଥିବା ବେଳେ ଅଳ୍ପକେ ଜଳଧର ମାଝୀ (କାଲୋ) ବର୍ତ୍ତିଯାଇଥିଲେ । ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଅଞ୍ଚଳବାସୀଙ୍କ ଦାବି ହେଉଛି ।

